بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ଖଣ୍ଡ: 9

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ୍

ସଂଖ୍ୟା: 48
ବାର୍ଷିକ ଦେୟ : 600/-

25 ଜମାଦିଉଲ୍ ଅୱଲ୍ 1446 ହି.କ, 28 ନୁବୁୱତ୍ 1403 ହି.ଶ, 28 Nov 2024 ମସିହା

www.akhbarbadr.in


### ଅଲ୍ଲାଃତାଲାଙ୍କ ବାଣୀ

وَمَنْ اَظْلَمُ مِمَّنِ افْتَرٰى عَلَى اللّٰهِ كَذِبًا اَوْ كَذَّبَ بِاٰيٰتِهٖ ؕ اِنَّهٗ لَا يُفْلِحُ الظّٰلِمُوْنَ ○

**(ଅଲ ଅନଆମ୍ : 22)**

**ଅନୁବାଦ:** ଏବଂ ଯିଏ ଅଲ୍ଲାଃତାଲାଙ୍କ ପ୍ରତି ମିଥ୍ୟା ରଚନା କରେ ବା ତାହାଙ୍କ ନିଦର୍ଶନଗୁଡ଼ିକ ପ୍ରତି ମିଥ୍ୟାରୋପଣ କରେ ତେବେ ତାହା ଠାରୁ ଅଧିକ ଅତ୍ୟାଚାରୀ, ପାପୀ ଆଉ କିଏ ବା ହୋଇପାରେ ? ବାସ୍ତବରେ ଅତ୍ୟାଚାରୀମାନେ କଦାପି ସଫଳ ହେବେ ନାହିଁ ।

### ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

### ଆଁହଜରତ ସ.ଅଙ୍କ ବାଣୀ

**ଉପକାରକାରୀ ବ୍ୟକ୍ତିଙ୍କର କୃତଜ୍ଞତା ଜ୍ଞାପନ କରିବା**

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ଯେଉଁ ବ୍ୟକ୍ତି ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରେ ନାହିଁ ସେହି ବ୍ୟକ୍ତି । ଈଶ୍ୱରଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରେ ନାହିଁ । **(ସୁନନୁତ୍ ତିର୍ମିଜି କିତାବୁଲ୍ ବିରରି ୱସ୍ ସଲାତ୍, ବାବ୍- ମା ଯାଆ ଫିଶ୍ ଶୁକ୍ରି ଲିମନ୍ ଅହସନା ଇଲୈକା)**

**ଧୈର୍ଯ୍ୟ ଏବଂ ଅବିଚଳତା**

ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମକ୍କାର ଉପତ୍ୟକାକୁ ଯାଉଥିଲେ। ରସୁଲୁଲ୍ଲାଃ ସ.ଅ ମୋର ହସ୍ତ ଧରିଥିଲେ । ଆମେ ଅବୁ ଅମ୍ମାର୍ ଓ ଅମ୍ମାର୍ ଓ ତାଙ୍କର( ଅମ୍ମାର ର.ଅଙ୍କ) ମାତାଶ୍ରୀଙ୍କ ନିକଟକୁ ଆସିଲୁ । ତାଙ୍କୁ ନିର୍ଯାତନା ଦିଆଯାଉଥିଲା । ହ. ୟାସିର୍ ର.ଅ କହିଲେ, କ'ଣ ସର୍ବଦା ଏହିପରି ହେଉଥିବ ଓ ଏମିତି ଚାଲିଥିବ ? ଆପଣ ସ.ଅ କହିଲେ, ଧୈର୍ଯ୍ୟ ରଖ, ଆପଣ ସ.ଅ ପୁନଶ୍ଚ ଏହି ଦୁଆ ମଧ୍ୟ କଲେ ଯେ, ହେ ଅଲ୍ଲାଃ! ତୁମ୍ଭେ ୟାସିର୍‌ଙ୍କ ପରିବାରକୁ ମୁକ୍ତି ପ୍ରଦାନ କର । ନିଃସନ୍ଦେହ ତୁମ୍ଭେ ହିଁ ଏପରି କରିଦେଇଛ । **(ଅତ୍ ତବ୍‌କତୁଲ୍ କୁବ୍ରା, ଭାଗ-3, ପୃ-188, ଅମ୍ମାର୍ ବିନ୍ ୟାସିର୍, ପ୍ରକାଶନ ସ୍ଥାନ- ଦାରେ ଅହୟାଉତ୍ ତୁରାସୁଲ୍ ଅରବି, ବୈରୁତ୍- 1990 ମସିହା)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ଉନ୍ନତିର ଏକମାତ୍ର ମାର୍ଗ ହେଉଛି ଆପଣମାନେ ଈଶ୍ୱରଙ୍କୁ ଚିହ୍ନନ୍ତୁ ଓ ତାହାଙ୍କୁ ଜୀବନ୍ତ ମନେକରି ତାହାଙ୍କ ଉପରେ ବିଶ୍ୱାସ ରଖନ୍ତୁ । ତାହାଙ୍କ ଉପରେ ଏହି ଜୀବନ୍ତ ବିଶ୍ୱାସ ସୃଷ୍ଟି କରିବାକୁ ଉଦ୍ୟମ କରନ୍ତୁ ।

ଇସ୍‌ଲାମ୍ ଧର୍ମ କାହାରିକୁ ଆଳସ୍ୟ (ଅଳସୁଆ) କରେ ନାହିଁ । ଆପଣମାନେ ନିଜର ବାଣିଜ୍ୟ ବ୍ୟବସାୟରେ ନିମଗ୍ନ ଏବଂ ବ୍ୟସ୍ତ ରୁହନ୍ତୁ । କିନ୍ତୁ ମୁଁ ଏକଥା ପସନ୍ଦ କରୁ ନାହିଁ ଯେ, ଈଶ୍ୱରଙ୍କ ପାଇଁ ମଧ୍ୟ ସେମାନଙ୍କ ନିକଟରେ କୌଣସି ଅବସର ତଥା ସମୟ ନାହିଁ । ହଁ ବାଣିଜ୍ୟ ବ୍ୟବସାୟ ସମୟରେ ବାଣିଜ୍ୟ ବ୍ୟବସାୟ କରନ୍ତୁ ଓ ଅଲ୍ଲାଃତାଲାଙ୍କ ଭୟ ତଥା ତାହାଙ୍କ ମର୍ଯ୍ୟାଦାକୁ ମଧ୍ୟ ସେତେବେଳେ ଧ୍ୟାନ ରଖନ୍ତୁ । ତେଣୁ ସେମାନଙ୍କର ସେହି ବାଣିଜ୍ୟ ବ୍ୟବସାୟ ମଧ୍ୟ ସେତେବେଳେ ଉପାସନା ହୋଇଯିବ । ନମାଜ ସମୟରେ ନମାଜକୁ ଛାଡ଼ନ୍ତୁ ନାହିଁ । ପ୍ରତ୍ୟେକ ପ୍ରସଙ୍ଗରେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦିଅନ୍ତୁ । ସାଂସାରିକତା ତୁମମମାନଙ୍କର ମୂଳାଭିପ୍ରାୟ ନହେଉ । ବରଂ ଧର୍ମ ହିଁ ମୂଳାଭିପ୍ରାୟ ହେଉ । ଏପରି ଯଦି ହୁଏ ତେବେ ପୁନଶ୍ଚ ସଂସାରିକ କାର୍ଯ୍ୟ ମଧ୍ୟ ଧାର୍ମିକ କାର୍ଯ୍ୟ ହୋଇଯିବ । ସାହାବାମାନଙ୍କୁ ଦେଖ ! ସେମାନେ କଷ୍ଟରୁ ଅତି କଷ୍ଟ ପରିସ୍ଥିତିରେ ମଧ୍ୟ ଈଶ୍ୱରଙ୍କୁ ପରିତ୍ୟାଗ କଲେ ନାହିଁ (ତାହାଙ୍କୁ ବିସ୍ମୃତ (ଭୁଲିଗଲେ ନାହିଁ) କଲେ ନାହିଁ କି ତାହଙ୍କ ଉପାସନାରୁ ନିବୃତ୍ତ ହେଲେ ନାହିଁ) । ଯୁଦ୍ଧ ଏବଂ କଳହ ସମୟଟି ଏପରି ଏକ ସମୟ ହୋଇଥାଏ ଯେ, ସେହି ସମୟକୁ କେବଳ ମନେ ପକାଇ ଦେବା ଦ୍ୱାରା ହିଁ ମନୁଷ୍ୟ ବିଚଳିତ ହୋଇଯାଇଥାଏ ଏବଂ ଶିହରି ଉଠେ । ଯେତେବେଳେ କୌଣସି ସମୟଟି ଉତ୍ସାହ ଏବଂ କ୍ରୋଧର ସମୟ ହୋଇଥାଏ ଅର୍ଥାତ୍ ମନୁଷ୍ୟ ଯେତେବେଳେ କ୍ରୋଧାଭାବ ପ୍ରକାଶ କରେ ସେତେବେଳେ ମଧ୍ୟ ସେ ଈଶ୍ୱରଙ୍କ ଠାରୁ ଅବଚେତନ ନରହୁ ଏବଂ ନମାଜକୁ ପରିତ୍ୟାଗ ନକରି ଦୁଆକୁ ବିନିଯୋଗ କରୁ । ବର୍ତ୍ତମାନ ଏହା କେଡ଼େ ଦୁର୍ଭାଗ୍ୟଜନକ ପ୍ରସଙ୍ଗ ଯେ, ମନୁଷ୍ୟ ଏକ ପକ୍ଷରେ (ବିଦ୍ୱାନ୍‌ମାନେ) ପ୍ରତ୍ୟେକ ପ୍ରକାରର ଉଦ୍ୟମ ଏବଂ ସକଳ ଚେଷ୍ଟା କରିଥାନ୍ତି । ବଡ଼ ବଡ଼ ଭାଷଣ ଦିଅନ୍ତି, ଜଲ୍‌ସା କରି କୁହନ୍ତି ଯେ, ମୁସଲମାନେ ଉନ୍ନତି କରିବେ । କିନ୍ତୁ ସେହି ବକ୍ତାମାନେ, ସେହି ବିଦ୍ୱାନମାନେ ଏପରି ଅବଚେତନ ହୋଇଯାଇଛନ୍ତି ଯେ, ସେମାନେ ଭୁଲ ବଶତଃ ମଧ୍ୟ ଏଥିପ୍ରତି ଆଦୌ ଧ୍ୟାନ ଦିଅନ୍ତି ନାହିଁ ।

ପୁନଶ୍ଚ ଏପରି ଅବସ୍ଥାରେ ଆଉ କ'ଣ ବା ଆଶା କରାଯାଇପାରିବ ଯେ, ସେମାନଙ୍କ ପ୍ରଚେଷ୍ଟା ଓ ଉଦ୍ୟମ ଫଳପ୍ରସୂ ହେବ । ଅର୍ଥାତ୍ ସେମାନଙ୍କ ଉଦ୍ୟମ ତଥା ପ୍ରଚେଷ୍ଟା ଯଦି ସଂସାରିକ ଉଦ୍ଦେଶ୍ୟ ନିମନ୍ତେ ଉଦ୍ଦିଷ୍ଟ ହୁଏ ତେବେ ତାହା ଫଳପ୍ରସୂ ହୋଇପାରିବ ନାହିଁ । ମନେରଖ ! ଯେପର୍ଯ୍ୟନ୍ତ لا إله إلا الله ମନ ମସ୍ତିଷ୍କରେ ପ୍ରବିଷ୍ଟ କରି ନାହିଁ, ଯେପର୍ଯ୍ୟନ୍ତ لا إله إلا الله ମନୁଷ୍ୟ ଅସ୍ତିତ୍ୱର ପ୍ରତିଟି କଣିକାରେ ପ୍ରବିଷ୍ଟ ହୋଇଯାଇ ନାହିଁ, ଯେପର୍ଯ୍ୟନ୍ତ لا إله إلا الله ଇସ୍‌ଲାମ୍ ଧର୍ମର ଆଲୋକ ଏବଂ ଇସ୍‌ଲାମ ଧର୍ମର ରାଷ୍ଟ୍ର ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଉନ୍ନତି କେବେ ବି ସମ୍ଭବପର ନୁହେଁ । ତୁମେମାନେ ଯଦି ପାଶ୍ଚାତ୍ୟ ଜାତିର ଉଦାହରଣ ଉପସ୍ଥାପିତ କରି କୁହ କି ସେମାନେ ଉନ୍ନତି କରୁଛନ୍ତି ତେବେ ଏହା ସେମାନଙ୍କ ନିମନ୍ତେ ଅନ୍ୟ ଏକ ପ୍ରସଙ୍ଗ ଅଟେ ଓ ତୁମମାନଙ୍କୁ ତ' ପବିତ୍ର ଧର୍ମଗ୍ରନ୍ଥ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ପ୍ରଦାନ କରାଯାଇଛି ।

ତୁମ ନିମନ୍ତେ ପ୍ରମାଣ ସିଦ୍ଧ ହୋଇଯାଇଛି ଓ ନିଦର୍ଶନ ସଂପୂର୍ଣ୍ଣ ହୋଇସାରିଛି । ସେମାନଙ୍କ ନିମନ୍ତେ ଅନ୍ୟ ପ୍ରସଙ୍ଗ ଓ ଅନ୍ୟ ଧରପକଡ଼ର ଦିନ ହେବ । ତୁମେମାନେ ଯଦି ଅଲ୍ଲାଃତାଲାଙ୍କ ପବିତ୍ର ଧର୍ମଗ୍ରନ୍ଥ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌କୁ ପରିତ୍ୟାଗ କରିଦିଅ ତେବେ ତୁମ ନିମନ୍ତେ ଏହି ସଂସାରରେ ହିଁ ନର୍କ ବିଦ୍ୟମାନ ରହିଛି । ଏହିଭଳି ସ୍ଥିତିରେ ପ୍ରାୟ ପ୍ରତ୍ୟେକ ସହରରେ ମୁସଲମାନମାନଙ୍କ କଲ୍ୟାଣ ଓ ଉନ୍ନତି ନିମନ୍ତେ ଅଞ୍ଜୁମନ୍ (ସଂସ୍ଥା, ସମିତିମାନ) ଓ ସମ୍ମିଳନୀ ଇତ୍ୟାଦି ଆୟୋଜନ ହୋଇଥାଏ । କିନ୍ତୁ ଇସ୍‌ଲାମ୍ ଧର୍ମ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିବା କୌଣସି ବ୍ୟକ୍ତିର ତୁଣ୍ଡରୁ ପଦେ କଥା ବାହାରୁ ନାହିଁ ଯେ, ହେ ଲୋକମାନେ! ହେ ଶ୍ରୋତାମାନେ ! ପବିତ୍ର କୁରଆନ୍ କରୀମକୁ ନିଜର ଇମାମ୍ (ଧର୍ମାଧ୍ୟକ୍ଷ)ରୂପେ ଗ୍ରହଣ କରନ୍ତୁ ଓ ଏହା ଉପରେ କାର୍ଯ୍ୟାନୁସରଣ କରନ୍ତୁ । ଯଦି ଏହା କୁହନ୍ତି ଯେ, କେବଳ ଇଂରାଜୀ ପାଠ ପଢ, କଲେଜ ନିର୍ମାଣ କର, ବାରିଷ୍ଟର ବାବୁ ହୁଅ । ତହିଁରୁ ଏହା ଜ୍ଞାତ ହୁଏ ଯେ, ଈଶ୍ୱରଙ୍କ ଉପରେ ଆଉ ବିଶ୍ୱାସ ତଥା ଭରସା ରହିଲା ନାହିଁ । ଅଭିଜ୍ଞ ଏବଂ ନିପୂଣ ଚିକିତ୍ସକମାନେ ଯେତେବେଳେ ରୋଗୀର ଚିକିତ୍ସା କରିଥାଆନ୍ତି ଓ ରୋଗୀକୁ ଔଷଧ ଦିଅନ୍ତି । ଦଶ ଦିନ ପରେ ଯଦି ଔଷଧ ଫଳପ୍ରଦ ନହୁଏ ଅର୍ଥାତ୍ ଓଷଧ ଯଦି କାମ ନଦେଲା ତେବେ ଡାକ୍ତର ମଧ୍ୟ ନିଜର ଚିକିତ୍ସାରୁ ପ୍ରତ୍ୟାବର୍ତ୍ତନ କରି ନେଇଥାଏ। ଆଉ ଏଠାରେ ଅସଫଳତା ପରେ ଅସଫଳତା ହୋଇ ଚାଲିଥାଏ ଏବଂ ତହିଁରୁ ସେମାନେ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ। ଯଦି ଈଶ୍ୱର ନାହାନ୍ତି ତେବେ ତାଙ୍କୁ ବାଦଦେଇ ନିଃସନ୍ଦେହ ଉନ୍ନତି କରିନେବେ । କିନ୍ତୁ ଯେତେବେଳେ ଈଶ୍ୱର ବିଦ୍ୟମାନ ଅଛନ୍ତି ଓ ସେ ଅବଶ୍ୟ ସର୍ବତ୍ର ବିଦ୍ୟମାନ ଅଛନ୍ତି । ଈଶ୍ୱରଙ୍କୁ ବାଦ୍‌ଦେଲେ କେବେ ବି କୌଣସି କାର୍ଯ୍ୟ କରିପାରିବେ ନାହିଁ।

ତାହାଙ୍କୁ ଅସମ୍ମାନିତ କରି, ତାହାଙ୍କ ଧର୍ମଗ୍ରନ୍ଥର ସମ୍ମାନକୁ କ୍ଷୁର୍ଣ୍ଣ କରି ସେମାନେ ସାଫଲ୍ୟମଣ୍ଡିତ ହୋଇଯିବେ ଓ ଏକ ଜାତି ହୋଇଯିବେ । ଏହା କଦାପି ସମ୍ଭବପର ନୁହେଁ । ମୋର ତ' ଏହି ପରାମର୍ଶ ଏବଂ ଏହି ମତାମତ ରହିଛି ଯେ, ଯାହାଙ୍କୁ ଚକ୍ଷୁ ଅବଲକୋନ କରେ, ଉନ୍ନତିର ଗୋଟିଏ ମାର୍ଗ ରହିଛି । ତାହା ଏହିକି ଯେ, ଆପଣମାନେ ଈଶ୍ୱରଙ୍କୁ ଚିହ୍ନନ୍ତୁ ଓ ତାହାଙ୍କୁ ଜୀବନ୍ତ ବୋଲି ମନେକରି ତାହାଙ୍କ ଉପରେ ବିଶ୍ୱାସ ଆଣିବାକୁ ଚେଷ୍ଟା କରନ୍ତୁ । **(ମଲ୍‌ଫୁଜାତ୍, ଭାଗ-2, ପୃ-43, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

## ନିଃସନ୍ଦେହ ରୂପେ ଅଲ୍ଲାଃତାଲା କଦାପି କୌଣସି ସଂପ୍ରଦାୟର ଅବସ୍ଥାରେ ସେପର୍ଯ୍ୟନ୍ତ ପରିବର୍ତ୍ତନ କରନ୍ତି ନାହିଁ ଯେପର୍ଯ୍ୟନ୍ତ କି ସେମାନେ ନିଜ ଅନ୍ତରର ଅବସ୍ଥାକୁ ପରିବର୍ତ୍ତନ କରି ନାହାନ୍ତି ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା 6ରେ ବ୍ୟାଖ୍ୟା କରି କୁହନ୍ତି: ଉକ୍ତ ପ୍ରସଙ୍ଗକୁ ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ, ଶାସ୍ତି ସର୍ବଦା ଦୁଇ ପ୍ରକାରର ହୋଇଥାଏ । (1) ଧର୍ମବୈଧାନିକ ଶାସ୍ତି (2) ସ୍ୱଭାବଗତ ଶାସ୍ତି । ଧର୍ମବୈଧାନିକ ଶାସ୍ତି ସେତେବେଳେ ଅବତୀର୍ଣ୍ଣ ହୋଇଥାଏ ଯେତେବେଳେ ଲୋକମାନେ ଈଶ୍ୱରଙ୍କ ଜଣେ ବାର୍ତ୍ତାବହଙ୍କୁ ଅସ୍ୱୀକାର କରିଦିଅନ୍ତି । କିନ୍ତୁ ସ୍ୱଭାବଗତ ଶାସ୍ତି ନିମନ୍ତେ କୌଣସି ଦଣ୍ ବିଧାନ ନାହିଁ । ବରଂ ଯେଉଁ ଜାତି ବି ଉନ୍ନତିର ସେହି ସାଧନରୁ ଅବଚେତନ ହୋଇଯିବ ଅର୍ଥାତ୍ ଈଶ୍ୱର ଯେଉଁ ସାଧନ ଏହି ବସ୍ତୁବାଦୀ ସଂସାରରେ ନିର୍ଦ୍ଧାରିତ କରିଛନ୍ତି ତହିଁରୁ ଅବଚେତନ ହୋଇଯାଏ ତେବେ ସେହି ଜାତି ଅଲ୍ଲାଃତାଲାଙ୍କ ସାଧାରଣ ନିୟମ ଅଧୀନ ସ୍ୱତଃସ୍ଫୃତଃ ବିନଷ୍ଟ ହୋଇଯିବ । ଯେପରି ଆଜି ପର୍ଯ୍ୟନ୍ତ ଉକ୍ତ ସଂସାରରେ ସହସ୍ର ସହସ୍ର ଜାତି ଓ ସହସ୍ର ସରକାର ଅତିକ୍ରାନ୍ତ ହୋଇଛନ୍ତି । ସେହି ଜାତି ଉପରେ ଏମିତି ଏକ ସମୟ ମଧ୍ୟ ଆସିଲା ଯେ, ସେମାନେ ଦୁର୍ବଳ ହୋଇଗଲେ ଏବଂ ଅଧୋଗତିର ଶିକାର ହୋଇ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଗଲେ । ଭୂପୃଷ୍ଠରେ ସେମାନଙ୍କର ଚିହ୍ନ ବର୍ଣ୍ଣନା ମିଳିଲା ନାହିଁ । ସେହି ଜାତିମାନଙ୍କର ବିନାଶ ତଥା ବିପର୍ଯ୍ୟୟ ଈଶ୍ୱରଙ୍କ ପ୍ରତି ଥିବା ପ୍ରେମରେ ହ୍ରାସ ଯୋଗୁଁ ଅବା ଈଶ୍ୱରଙ୍କ ବାର୍ତ୍ତାବହମାନଙ୍କୁ ଅସ୍ୱୀକାର କରିବା ଯୋଗୁଁ ହୋଇ ନାହିଁ । ବରଂ ସେହି ଜାତିମାନଙ୍କର ବିନାଶ ଏବଂ ପତନ ଏହି କାରଣରୁ ହୋଇଥିଲା ଯେ, ସେମାନେ ଉନ୍ନତିର ସେହି ନିୟମକୁ ଅଣଦେଖା କରିଦେଲେ ଯେଉଁ ନିୟମକୁ ଅଲ୍ଲାଃତାଲା ଏହି ସଂସାରଲୋକରେ ପ୍ରଣୟନ କରିଛନ୍ତି । ଉପରୋକ୍ତରେ ବର୍ଣ୍ଣିତ ଉଭୟ ପ୍ରକାରର ଶାସ୍ତି ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁର୍‌ଆନ କରୀମ୍‌ର ବିଭିନ୍ନ ଆୟତ୍‌ରେ ଚର୍ଚ୍ଚା କରିଛନ୍ତି । ଧର୍ମବୈଧାନିକ ଶାସ୍ତି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: وَمَا كُنَّا مُعَذِّبِيْنَ حَتّٰى نَبْعَثَ رَسُوْلًا **(ବନି ଇସ୍ରାଇଲ୍: 16)** ଅର୍ଥାତ୍ ଆମ୍ଭେ କୌଣସି ସଂପ୍ରଦାୟ ପ୍ରତି ଜଣେ ରସୁଲ୍ ପ୍ରେରଣ ନକରିବା ପର୍ଯ୍ୟନ୍ତ କୌଣସି ଶାସ୍ତି ପ୍ରଦାନ କରି ନାହୁଁ । ଆଁହଜରତ ସ.ଅଙ୍କ ଆଗମନ ପରେ ସେହି ଜାତି ଉପରେ ପ୍ରମାଣ ସିଦ୍ଧ ହୋଇଗଲା । ଫଳତଃ ସେହି ଜାତି ଅର୍ଥାତ୍ ମକ୍କାବାସୀମାନେ ବିଶେଷ କରି କୁରୈଶ୍‌ମାନେ ଆଁହଜରତ୍ ସ.ଅଙ୍କୁ ଅସ୍ୱୀକାର ଏବଂ ପ୍ରତ୍ୟାଖ୍ୟାନ କରି ଚାଲିଲେ । ଅତଏବ୍ ସେହି ଜାତିର ବିନାଶର ମୀମାଂସ କରିଦିଆଗଲା ଓ ସେହି ଜାତି ଶାସ୍ତିର ଶିକାର ହୋଇଗଲା । ଏହା ହେଉଛି ଧର୍ମବୈଧାନିକ ଶାସ୍ତି ଯାହାକି ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଏବଂ ପ୍ରେରିତଙ୍କୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା ଜାତି ଉପରେ ଆସିଥାଏ । ସେହି ଶାସ୍ତିର ପରିଚୟ ଏହା ହୋଇଥାଏ ଯେ, ସେହି ଜାତି ସଂକ୍ରାନ୍ତରେ ପୂର୍ବରୁ ଭବିଷ୍ୟବାଣୀରେ ସୂଚନା ପ୍ରଦାନ କରିଦିଆ ଯାଇଥାଏ କିମ୍ବା ଅସାଧାରଣ ରୂପେ ସଂସାରେ ଏହିପରି ବିପତ୍ତିର ପ୍ରାଦୁର୍ଭାବ ହେବାକୁ ଲାଗିଥାଏ । ଏହାର ଦୃଷ୍ଟାନ୍ତ ପୂର୍ବ କାଳରେ ଦେଖିବାକୁ ମିଳୁ ନାହିଁ । ଉଦାହରଣ ସ୍ୱରୂପ ସହସା ଭୂମିକମ୍ପ ଆସିବା ଆରମ୍ଭ ହୋଇଯାଇଥାଏ କିମ୍ବା ଅସୁସ୍ଥତା, ଦୁର୍ଭିକ୍ଷ, ଯୁଦ୍ଧ ଓ ଅନ୍ୟ ପ୍ରକାରର ବିପତ୍ତି ଏକ ସମୟରେ ଏପରି ଏକତ୍ରିତ ହୋଇଯାଇ ଥାଆନ୍ତି ଯେ, ଲୋକମାନଙ୍କ ମଧ୍ୟରେ ଏକ ବିପ୍ଳବ ତଥା ଉଦ୍‌ବିଗ୍ନତା ସୃଷ୍ଟି ହୋଇଯାଇଥାଏ । ପ୍ରତ୍ୟେକ ବ୍ୟକ୍ତି ଏହା ସ୍ୱୀକାର କରି ନେଇଥାଏ ଯେ, ଏସବୁ ଅସାଧାରଣ ଦୁର୍ଘଟଣା, ବିପତ୍ତି ଅଟନ୍ତି । ଏହି ଧର୍ମବୈଧାନିକ ଶାସ୍ତି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏହା ମଧ୍ୟ କହିଛନ୍ତି ଯେ, ଏହି ଧର୍ମବୈଧାନିକ ଶାସ୍ତି କିଛି କିଛି ସମୟ ପରେ ହିଁ ଆସିଥାଏ । କାରଣ ଯେଉଁ ଲୋକମାନେ ଶାସ୍ତିର ସେହି ଅହରହ ଝଟକା ମାଧ୍ୟମରେ ଜାଗ୍ରତ ହୋଇ ପାରିବେ ସେମାନେ ମଧ୍ୟ ଜାଗ୍ରତ ହୁଅନ୍ତୁ ଏବଂ ସେମାନେ ସକଳ ପ୍ରକାରର ବିନାଶ ତଥା ବିପର୍ଯ୍ୟୟରୁ ସୁରକ୍ଷିତ ରୁହନ୍ତୁ । ସୁତରାଂ ଅଲ୍ଲାଃତାଲା ନିଜର ଉକ୍ତ ଆଇନ ବା ନିୟମର ଚର୍ଚ୍ଚା କରି କୁହନ୍ତି: وَإِذَآ أَذَقْنَا النَّاسَ رَحْمَةً مِّنْ بَعْدِ ضَرَّآءَ مَسَّتْهُمْ إِذَا لَهُمْ مَّكْرٌ فِيْٓ اٰيَاتِنَا قُلِ اللّٰهُ أَسْرَعُ مَكْرًا إِنَّ رُسُلَنَا يَكْتُبُوْنَ مَا تَمْكُرُوْنَ **(ୟୁନୁସ୍:22)**ଏବଂ କୌଣସି ଦୁଃଖ ପ୍ରାପ୍ତି ହେବା ପରେ ଯେତେବେଳେ ଆମ୍ଭେ ଲୋକମାନଙ୍କୁ ଅନୁଗ୍ରହର ମାଧୁର୍ଯ୍ୟ ଆସ୍ୱାଦନ କରାଇଥାଉ ସେତେବେଳେ ସେମାନେ ତତ୍‌କ୍ଷଣାତ୍ ଆମ୍ଭର ନିଦର୍ଶନଗୁଡ଼ିକର ଉଦ୍ଦେଶ୍ୟକୁ ପଣ୍ଡ କରିବାକୁ ଉଦ୍ୟମ ଯୋଜନା କରନ୍ତି । ତୁମ୍ଭେ ସେମାନଙ୍କୁ କୁହ ଏହି ଯୋଜନା ତୁଳନାରେ ଅଲ୍ଲାଃ ପ୍ରତିକୂଳ ଯୋଜନା କରିବାରେ କ୍ଷିପ୍ରତର । ବାସ୍ତବିକ ତୁମେମାନେ ଯେଉଁ ଯୋଜନା କୁରଅଛ ଆମ୍ଭର ଦେବଦୂତମାନେ ତାହାକୁ ଲିପିବଦ୍ଧ କରୁଛନ୍ତି । ଉକ୍ତ ଆୟତ୍‌ରେ ଅଲ୍ଲାଃତାଲା ଏହି ସୂଚନା ପ୍ରଦାନ କରିଛନ୍ତି ଯେ, ସେ କେବେ ବି ସହସା ଶାସ୍ତି ଅବତୀର୍ଣ୍ଣ କରନ୍ତି ନାହିଁ । ବରଂ ପ୍ରଥମେ ଏକ ଶାସ୍ତିର ଝଟକା ଆସିଥାଏ । ଏହାକୁ କିଛି କାଳ ପରେ ଦୂରୀଭୂତ କରିଦିଆ ଯାଇଥାଏ । କାରଣ ଲୋକମାନେ କ୍ଷମା ଯାଚନାକୁ ବିନିଯୋଗ କରନ୍ତୁ ଏବଂ ନିଜର ଅନ୍ୟାୟ, ଅତ୍ୟାଚାର ଓ ପାପରୁ ନିବୃତ୍ତ ହୋଇଯାଆନ୍ତୁ । କିନ୍ତୁ କୁପ୍ରବୃତ୍ତିର ଲୋକମାନେ ତଥାପି ତହିଁରୁ ନୀତିଶିକ୍ଷା ପ୍ରାପ୍ତ କରନ୍ତି ନାହିଁ । ସେହି କୁପ୍ରବୃତ୍ତିର ଲୋକମାନେ ଶାସ୍ତି ସମୟରେ ତ' କିଛି ମାତ୍ରାରେ ଭୟଭୀତ ହୋଇଯାଆନ୍ତି । କିନ୍ତୁ ଶାସ୍ତି ଯେତେବେଳେ ହ୍ରାସ ପାଏ ସେତେବେଳେ ସେମାନେ ପୁନଃ ଅଲ୍ଲାଃତାଲାଙ୍କ ବାଣୀ ଓ ତାହାଙ୍କ ଆଦେଶାବଳୀର ବିରୁଦ୍ଧାଚରଣ କରି ନିଜେ ନିଜେ ଉପାୟ ପାଞ୍ଚିବାକୁ (ଯୋଜନା କରିବାକୁ) ଆରମ୍ଭ କରି ଦିଅନ୍ତି । ଅଲ୍ଲାଃତାଲା କୁହନ୍ତି ଉପାୟ, ଯୋଜନା ତ' ଖୁବଶୀଘ୍ର ପ୍ରଣୟନ ହୋଇଯାଇଥାଏ। କିନ୍ତୁ ପ୍ରଭୁ (ଅଲ୍ଲାଃତାଲା) ସ୍ୱୟଂ ହିଁ ଲୋକମାନଙ୍କ ଉପରେ କୃପା କରି ନିଜର ଉପାୟକୁ ଅଟକାଇ ରଖନ୍ତି। କାରଣ ଅଲ୍ଲାଃତାଲା ନା ଲୋକମାନଙ୍କର କର୍ମକୁ ଭୁଲନ୍ତି ନାହିଁ ଏବଂ ସେମାନଙ୍କ ଠାରୁ ତୁରନ୍ତ ପ୍ରତିଶୋଧ ନେବାର ଆବଶ୍ୟକତା ନାହିଁ କି ଶାସ୍ତି ଦେବାରେ ତାଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ। ଅଲ୍ଲାଃତାଲା ଯଦି ଏହା ମନେକରନ୍ତି କି ବର୍ତ୍ତମାନ ମୁଁ ଯଦି ଶାସ୍ତି ନଦିଏ ତେବେ ପରବର୍ତ୍ତୀ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ସେ ସବୁବେଳେ ଶାସ୍ତି ଦେଇ ପାରନ୍ତି ଓ ତାଙ୍କ ଦୃଷ୍ଟିରୁ କୌଣସି ବସ୍ତୁ ଆଗୋଚର ନୁହେଁ । ଅତଏବ ବିରୋଧୀମାନଙ୍କୁ ଗର୍ବ, ଅହଂକାର ଏବଂ ଅସ୍ୱୀକାରକୁ ବିନିଯୋଗ କରିବା ଉଚିତ୍ ନୁହଁ । ଯେତେବେଳେ ସେମାନଙ୍କର ସାମୂହିକ ବିନାଶର ନିର୍ଣ୍ଣୟ ବା ମୀମାଂସା କରି ଦିଆଯାଇଛି ତେବେ ସେପରିପ୍ରେକ୍ଷୀରେ ସେମାନଙ୍କର କୌଣସି ଉପାୟ ଏବଂ କୌଣସି ଯୋଜନା ସେମାନଙ୍କୁ ବଞ୍ଚାଇ ପାରିବ ନାହିଁ । ଏହା ତ' ଧର୍ମ ବୈଧାନିକ ଶାସ୍ତିର ଚର୍ଚ୍ଚା ଥିଲା । କିନ୍ତୁ ଏହାର ବିପରୀତ ଅଲ୍ଲାଃତାଲା ସ୍ୱଭାବଗତ ଶାସ୍ତିର ଚର୍ଚ୍ଚା ଉକ୍ତ ଆୟତ୍‌ରେ କରିଛନ୍ତି: إِنَّ اللّٰهَ لَا يُغَيِّرُ مَا بِقَوْمٍ حَتّٰى يُغَيِّرُوْا مَا بِأَنْفُسِهِمْ **(ଅର୍ ରାଆଦ୍: 12)** ନିଃସନ୍ଦେହ ରୂପେ ଅଲ୍ଲାଃତାଲା କଦାପି କୌଣସି ସଂପ୍ରଦାୟର ଅବସ୍ଥାରେ ସେପର୍ଯ୍ୟନ୍ତ ପରିବର୍ତ୍ତନ କରନ୍ତି ନାହିଁ ଯେପର୍ଯ୍ୟନ୍ତ କି ସେମାନେ ନିଜ ଅନ୍ତରର ଅବସ୍ଥାକୁ ପରିବର୍ତ୍ତନ କରି ନାହାନ୍ତି । ଅଲ୍ଲାଃତାଲା ଯେତେବେଳେ କୌଣସି ଜାତିକୁ ମର୍ଯ୍ୟାଦା ପ୍ରଦାନ କରନ୍ତି ଓ ସେହି ଜାତି ଯେତେବେଳେ ନିଜର କୃତ୍ୟ ବା କର୍ମ ଦ୍ୱାରା ସେହି ମର୍ଯ୍ୟାଦାକୁ ହରାଇ ବସେ ତେବେ ଅଲ୍ଲାଃତାଲାଙ୍କର ବ୍ୟବହାର ବା ତାହାଙ୍କର ଆଚରଣ ମଧ୍ୟ ସେହି ଜାତି ପ୍ରତି ପରିବର୍ତ୍ତିତ ହୋଇ ଯାଇଥାଏ । ଏହା ଫଳରେ ସେହି ଜାତି ବିନାଶ ଏବଂ ବିପର୍ଯ୍ୟୟର ଗର୍ତ୍ତ ମଧ୍ୟରେ ଖସିପଡ଼େ ।

ସୁତରାଂ ଅଲ୍ଲାଃତାଲା ତ' ଚାହାନ୍ତି ଯେ, ଲୋକମାନେ ତାହାଙ୍କ ପୁରସ୍କାରର ଅଧିକାରୀ ହୁଅନ୍ତୁ । କିନ୍ତୁ ସେ ଯେତେବେଳେ ଲୋକମାନେ ସ୍ୱହସ୍ତରୁ ବିଷପାନ କରିବାକୁ ଆରମ୍ଭ କରିଦିଅନ୍ତି ସେତେବେଳେ ଅଲ୍ଲାଃତାଲାଙ୍କ ନିୟମାନୁଯାୟୀ ସେହି ବିଷ ହିଁ ସେମାନଙ୍କୁ ଶେଷ କରି ଦେଇଥାଏ । ଏହା ହିଁ ସେହି ନିୟମ ଯାହା ସଂପର୍କରେ ଉପରୋକ୍ତ ଆୟତ୍‌ରେ ଇଙ୍ଗିତ କରାଯାଇଛି ଏବଂ କୁହାଯାଇଛି ଯେ, **(ଅବଶିଷ୍ଟାଂଶ.....ପୃ-10ରେ)**

## 129ତମ ଜଲ୍‌ସା ସାଲାନା କାଦିୟାନ୍, ତା-27, 28, 29 ଡିସେମ୍ବର, 2024 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 129 ତମ ଜଲ୍‌ସା ସାଲାନା କାଦିୟାନ୍ 2024 ମସିହା ନିମନ୍ତେ ତା-27, 28, 29 ଡିସେମ୍ବର 2024 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଧାର୍ଯ୍ୟ) କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

# (ଖୁତ୍‌ବା ଜୁମା)

ମୁଁ ବିଶ୍ୱାସ ରଖୁଛି ଯେ, ଏହି ସହନଶୀଳତା ବା ସହିଷ୍ଣୁତାର ଆତ୍ମା ଯାହାକି ଉକ୍ତ ମସଜିଦ୍ ମାଧମରେ ସୃଷ୍ଟି କରାଯିବ । ସଂସାରରେ ଉପଦ୍ରବ ଏବଂ ହିଂସାକୁ ଦୂର କରିବା ଏବଂ ଶାନ୍ତି, ପ୍ରୀତି ଓ ମୈତ୍ରୀ ସ୍ଥାପନ ନିମନ୍ତେ ସହାୟକ ହେବ । ଯେତେବେଳେ ଲୋକମାନେ ଯୁଦ୍ଧ ଏବଂ କଳହକୁ ପରିତ୍ୟାଗ କରି ପ୍ରେମ ଏବଂ ସଦ୍‌ଭାବନାର ସହିତ ପରସ୍ପର ସହିତ ମିଳିମିଶି ରହିବେ ସେତେବେଳେ ସେହି ଦିନଟି ଖୁବ୍ ଶୀଘ୍ର ଆସିଯିବ । (ହ. ମୁସଲେହ୍ ମଉଦ୍)

ଜମାଅତ୍ ଅହେମଦିୟାରେ ଏହି ବିଶେଷତା ରହିଛି ଯେ, ଜମାଅତ୍‌ରେ ଯେତେସବୁ ମସ୍‌ଜିଦଗୁଡ଼ିକ ରହିଛି ତାହା ଲୋକମାନଙ୍କର ଚାନ୍ଦା ଏବଂ ବଳିଦାନ ଦ୍ୱାରା ହିଁ ନିର୍ମିତ ହୋଇଛି । ଅଲ୍ଲାଃତାଲାଙ୍କ କୃପାରୁ ବର୍ତ୍ତମାନ ଇଂଲଣ୍ଡରେ ମଧ୍ଯ ଜମାଅତ୍‌ର ବଳିଦାନ ଯୋଗୁଁ ଦ୍ୱାଦଶରୁ ଊର୍ଦ୍ଧ୍ୱ ମସ୍‌ଜିଦ୍‌ଗୁଡ଼ିକ ନିର୍ମିତ ହୋଇ ସାରିଛି ଓ ପଶ୍ଚିମ ରାଷ୍ଟ୍ରମାନଙ୍କରେ ମଧ୍ଯ ଅସଂଖ୍ୟ ମସ୍‌ଜିଦ୍ ନିର୍ମିତ ହୋଇଯାଇଛି ।

ଯଦିଓ ମୁଁ ନୁହେଁ । କିନ୍ତୁ ମୋର ଲେଖନୀ ସେହି ଲୋକମାନଙ୍କ ମଧ୍ଯରେ ବ୍ୟାପିଯିବ (ଅମର ହୋଇଯିବି) ଓ ଅନେକ ସତ୍ୟବାଦୀ ଇଂରେଜମାନେ ସତ୍ୟତାର ଶିକାର ହୋଇଯିବେ । (ହ. ମସିହ୍ ମଉଦ୍ ଅ.ସ)

ଚୌଧୁରୀ ଫତେହ୍ ମୁହମ୍ମଦ୍ ସିୟାଲ୍ ସାହେବ ଜମାଅତ୍ ଅହେମଦିୟାର ପ୍ରଥମେ ମୁବଲ୍ଲିଗ୍ ଅଟନ୍ତି । ଆପଣ ନିୟମିତ ମୁବଲ୍ଲିଗ୍ ରୂପେ ଏଠାକୁ ଆସିଥିଲେ ଏବଂ ସର୍ବ ପ୍ରଥମ ଫଳ ମଧ୍ଯ ଆପଣଙ୍କୁ ହିଁ ପ୍ରାପ୍ତ ହୋଇଥିଲା । ସେହି ବ୍ୟକ୍ତି ହେଲେ ମିଷ୍ଟର କୋରିଓ । ମିଷ୍ଟର କୋରିଓ ଜଣେ ସାମ୍ବାଦିକ ଥିଲେ ।

ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଯେତେବେଳେ ଲଣ୍ଡନ ଠାରେ ମସ୍‌ଜିଦ୍ ପାଇଁ ଜାଗା କିଣିବା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ର.ଅ ଡେଲ୍‌ହାଉସୀ ଠାରେ ଥିଲେ । ଆପଣ ର.ଅ ସେଠାରେ ବଡ଼ ଫଙ୍କସନ (ସମାରୋହ) କଲେ ଏବଂ ପୁନଶ୍ଚ ସେଠାରେ ମସ୍‌ଜିଦ୍ ଫଜଲ୍ ନାମାନୁଯାୟୀ ଉକ୍ତ ମସ୍‌ଜିଦ୍‌ର ନାମ ମଧ୍ଯ ନାମକରଣ କଲେ । ଏତଦ୍‌ପରେ ଚାନ୍ଦା ଦେବା ନିମନ୍ତେ ଜମାଅତର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ଦିଆଗଲା । କାରଣ ମସ୍‌ଜିଦ୍ ନିର୍ମାଣ ନିମନ୍ତେ ଅଧିକରୁ ଅଧିକ ଅର୍ଥ ଏକତ୍ରିତ ହୋଇଯାଉ ।

ଏକ ରୋଚକ କଥା ବା ତଥ୍ୟ ଏହିକି ଯେ, ଲଣ୍ଡନ୍‌ରେ ଖୁଜୁଦେ ମସ୍‌ଉଦ୍‌ଙ୍କ (ପବିତ୍ର ଆଗମନ) ସଂକ୍ରାନ୍ତରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଏକ ସ୍ୱପ୍ନ ପୂର୍ବରୁ ହିଁ ଦେଖାଇ ଦିଆଯାଇଥିଲା । ଅର୍ଥାତ୍ ଆପଣ ର.ଅ ସମୁଦ୍ର କୂଳେ ଇଂଲଣ୍ଡର ଏକ ସ୍ଥାନରେ ଅବତୀରଣ କରିଛନ୍ତି ଓ ଏକ କାଠ ଗଣ୍ଡି ଉପରେ ପାଦ ରଖି ଏକ ସଫଳ ସେନାପତି ପରି ଚତୁର୍ଦିଗରେ ଦୃଷ୍ଟି ବୁଲାଇ ଦେଖୁଛନ୍ତି ଏବଂ ଆପଣ ର.ଅ ଏକ ସ୍ୱର ଶୁଣିଲେ; "ୱଲିୟମ୍ ଦି କଙ୍କରର୍ (William the Conqueror)" । ଅର୍ଥାତ୍ ଇଂଲଣ୍ଡର ଆଧ୍ୟାତ୍ମିକ ବିଜୟ ହୁଜୁର୍ ର.ଅଙ୍କ ଇଂଲଣ୍ଡର ଆଗମନ ସହିତ ନିୟତିକୃତ ଥିଲା ଯାହା ବର୍ତ୍ତମାନ ପ୍ରାଦୁର୍ଭୂତ ହୋଇଛି ।

ପ୍ରତ୍ୟେକ ଅହେମଦିମାନଙ୍କର ଏହି କର୍ତ୍ତବ୍ୟ ଯେ, ସେମାନେ ଏହି ତବଲିଗ୍ (ପ୍ରଚାର), ଇସଲାମ୍ ଧର୍ମର ଏହି ବାର୍ତ୍ତା ଅର୍ଥାତ୍ ପ୍ରେମ ଓ ଆନ୍ତରୀକତାର ସହିତ ରହିବାର ଯେଉଁ ବାର୍ତ୍ତା ରହିଛି, ଶାନ୍ତି, ସନ୍ଧି, ପ୍ରୀତି ଏବଂ ମୈତ୍ରୀର ସନ୍ଦେଶ ରହିଛି ସଂସାରବାସୀଙ୍କୁ ଆପଣମାନେ ଜଣାନ୍ତୁ ଏବଂ ସେମାନଙ୍କୁ ଏଥି ସହିତ ଅବଗତ କରାନ୍ତୁ ଓ ଉକ୍ତ ସନ୍ଦେଶର ପ୍ରଚାର ପ୍ରସାର କରନ୍ତୁ ଯେ, ଉକ୍ତ ବାର୍ତ୍ତା ହିଁ ମାନବ ଜାତିର ସ୍ଥାୟୀତ୍ୱ ନିମନ୍ତେ ପ୍ରତିଭୂ ଅଟେ । ଏହି (ସନ୍ଦେଶ)କୁ ବାଦଦେଲେ ଅନ୍ୟ କୌଣସି ମାର୍ଗ ନାହିଁ । ଅନ୍ୟଥା ଆଗାମୀ ବଂଶଧରମାନଙ୍କର ଧ୍ୱଂସର ଗର୍ତ୍ତରେ ଖସି ଚାଲିବେ । ସେହି ସମୟଟି ଆଉ ବେଶୀ ଦୂର ନୁହଁ ଯେ, ଏହି ଯୁଦ୍ଧ ଯୋଗୁଁ ଆଗାମୀ ବଂଶଧରମାନେ ପଙ୍ଗୁ ଓ ଭିନ୍ନକ୍ଷମ ହୋଇ ଜନ୍ମ ଗ୍ରହଣ କରିବେ ।

କେବଳ ଏହି ମସଜିଦ୍ ନୁହଁ ବରଂ ପ୍ରତ୍ୟେକ ଅହେମଦିକୁ, ପ୍ରତ୍ୟେକ ମସଜିଦକୁ ନମାଜ ପାଠକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରଖିବା ଓ ମସଜିଦର କର୍ତ୍ତବ୍ୟ ସମ୍ପାଦନ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ନିଜ ଉପାସନାର ଅଧିକାରକୁ ସମ୍ପାଦନକାରୀ ବ୍ୟକ୍ତି ହୁଅନ୍ତୁ । ଆମିନ୍ ।

ମସଜିଦ୍ ଫଜଲ୍ ଲଣ୍ଡନର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଏକଶତ ଶତାବ୍ଦୀ ପୂର୍ତ୍ତି ଅବସରରେ ମସଜିଦଗୁଡ଼ିକର ମହତ୍ତ୍ୱ ଏବଂ ଅଭିପ୍ରାୟ ସେହିପରି ମସଜିଦ୍ ଫଜଲ୍ ଲଣ୍ଡନର ଇତିହାସର ସଂକ୍ଷିପ୍ତ ଚର୍ଚ୍ଚା ।

**18 OCTOBER 2024 ମସିହା ଅନୁଯାୟୀ୧୮/ ଇଖା ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ଯବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: କାଲି ୟୁ.କେ ସ୍ଥିତ ମସ୍‌ଜିଦ୍ ଫଜଲ୍ ଲଣ୍ଡନର 100 ବର୍ଷ ପୂର୍ତ୍ତି ଅବସରରେ ଏକ ଉତ୍ସବ ଆୟୋଜନ କରୁଛି। ଯହିଁରେ ଅଣଅହେମଦି ଅତିଥି, ପଡ଼ୋଶୀ ଇତ୍ୟାଦି ଲୋକମାନଙ୍କୁ ଆମନ୍ତ୍ରିତ କରାଯାଇଛି। ମସ୍‌ଜିଦ୍ ଫଜଲ୍‌ର ଏକ ଐତିହାସିକ ମର୍ଯ୍ୟାଦା ରହିଛି । ସେହି ଦୃଷ୍ଟିରୁ ଉକ୍ତ ମସ୍‌ଜିଦ୍‌ଟି ଜମାଅତ୍ ଅହେମଦିୟାର ପ୍ରଥମ ମସ୍‌ଜିଦ୍ ଅଟେ । ଉକ୍ତ ମସ୍‌ଜିଦ୍‌ଟି ଖ୍ରୀଷ୍ଟିଆନ୍‌ମାନଙ୍କର ଗଡ଼ରେ ନିର୍ମାଣ କରାଯାଇଥିଲା । ପୁନଶ୍ଚ ଏଠାରୁ ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷା ଏବଂ ପ୍ରଚାର ଲୋକମାନଙ୍କ ମଧ୍ଯରେ ବ୍ୟାପକ ସ୍ତରରେ ଆରମ୍ଭ ହୋଇଛି । ଆଜି ଆମକୁ ଆମର ବିରୋଧୀମାନେ କୁହନ୍ତି ଯେ, ଜମାଅତ୍ ଅହେମଦିୟା ଇଂରେଜମାନଙ୍କ ଦ୍ୱାରା ରୋପଣ କରାଯାଇଥିବା ବୃକ୍ଷ ଅଟେ । କିନ୍ତୁ ଆଶ୍ଚର୍ଯ୍ୟକର କଥା ଏହିକି ଯେ, ଏହି ରୋପଣ କରାଯାଇଥିବା ବୃକ୍ଷ ମାଧମରେ ପାଶ୍ଚାତ୍ୟ ଦେଶରେ ବାସ କରୁଥିବା ଲୋକମାନଙ୍କର ଧାର୍ମିକ ଦୁର୍ବଳତା ସେମାନଙ୍କ ଦେଶରେ ପ୍ରକାଶିତ କରି ଇସଲାମ୍ ଧର୍ମର ସୌନ୍ଦର୍ଯ୍ୟର ପ୍ରଚାର କରାଯାଉଛି । ସେହି ଆପତ୍ତିକାରୀମାନଙ୍କୁ ଏହି ସାମର୍ଥ୍ୟ ପ୍ରାପ୍ତ ହୋଇ ନାହିଁ ଯେ, ଏହିପରି ତବ୍‌ଲିଗି (ପ୍ରଚାରିକ) ଉଦ୍ୟମ ଜାରି ରଖନ୍ତୁ । ହଁ ମସ୍‌ଜିଦ୍ ଫଜଲ୍‌ର ନିର୍ମାଣରୁ ପ୍ରଥମେ ୱୋକିଙ୍ଗ୍ (Woking) ଠାରେ ଏକ ମସଜିଦ୍ ନିର୍ମାଣ କରାଯାଇଥିଲା ଓ ଉକ୍ତ ମସ୍‌ଜିଦ୍‌ର ନିର୍ମାଣକର୍ତ୍ତା ଜଣେ ବିଖ୍ୟାତ ପ୍ରତ୍ୟତତ୍ତ୍ୱବିତ୍ ଜି. ଡବ୍ଲୁ ଲାଇଟ୍‌ନର୍ (G W Leitner) ଥିଲେ । ସେ ଲାହୋର ଓରିଏଣ୍ଟାଲ୍ କଲେଜର ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କରିଥିଲେ । ପୁନଶ୍ଚ ସେ ଇଂଲଣ୍ଡ ଫେରି ଆସିଥିଲେ ଏବଂ 1889 ରେ ୱୋକିଙ୍ଗ ଅଞ୍ଚଳରେ ଏକ ମସ୍‌ଜିଦ୍ ନିର୍ମାଣ କରାଇଥିଲେ । ଏହା ମଧ୍ଯ ବିଚିତ୍ର ସଂଯୋଗ ଯେ, ଏହା ସେହି ବର୍ଷ ଥିଲା ଯେତେବେଳେ ଜମାଅତ୍ ଅହେମଦିୟା ମୁସ୍‌ଲିମା ସ୍ଥାପନ ହୋଇଥିଲା । ଜମାଅତ୍ ଅହେମଦିୟାର ସଂସ୍ଥାପକ ହ. ମିର୍ଜା ଗୁଲାମ୍ ଅହେମଦ ସାହେବ ମସିହ୍ ମଉଦ୍ ଅ.ସ ଜମାଅତ୍ ଅହେମଦିୟାର ମୂଳଦୁଆ ପକାଇଥିଲା । ଅର୍ଥାତ୍ ଆରମ୍ଭ କରିଥିଲେ । ଏହି ବିଖ୍ୟାତ ଅଧ୍ୟାପକ ଜଣକ ପୂର୍ବୋତ୍ତରରେ ଶିକ୍ଷାନୁଷ୍ଠାନ ମଧ୍ଯ ସ୍ଥାପନ କିରଥିଲେ । କାରଣ ମୁସଲମାନମାନେ ସାଂସାରିକ ଜ୍ଞାନ ସହିତ ଧାର୍ମିକ ଜ୍ଞାନ ମଧ୍ଯ ପ୍ରାପ୍ତ କରି ପାରନ୍ତୁ ଓ ନିଜର ଉପାସନା ମଧ୍ଯ କରି ପାରନ୍ତୁ । ଉକ୍ତ ମସ୍‌ଜିଦ୍‌ର ନିର୍ମାଣରେ ଯେଉଁ ବିପୁଳ ଅର୍ଥ ବ୍ୟୟ ହୋଇଥିଲା ତହିଁରେ ଭୋପାଲର ମହିଳା ବେଗମ୍ ଶାହଜାହାଁ ସାହେବା ପ୍ରଦାନ କରିଥିଲେ । ତାଙ୍କରି ନାମ ଅନୁଯାୟୀ ଉକ୍ତ ମସଜିଦର ନାମ କରଣ କାରଯାଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଧ୍ୟାପକ ମହୋଦୟଙ୍କ 1889 ମସିହାରେ ବିୟୋଗ ହୋଇଗଲା ଏବଂ ଉକ୍ତ ମସ୍‌ଜିଦ୍‌ରେ କୋଲପ (ତାଲା) ଝୁଲାଇ ଦିଆଯାଇଥିଲା। ଉକ୍ତ ମସ୍‌ଜିଦ୍‌କୁ ସମ୍ଭାଳିଲାବାଲା ଅର୍ଥାତ୍ ରକ୍ଷଣା ବେକ୍ଷଣ

କଲାବାଲା କୌଣସି ବ୍ୟକ୍ତି ନଥିଲା । ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ କାଳରେ ଖ୍ୱାଜା କମାଲୁଦ୍ଦୀନ ସାହେବ ଏଠାକୁ ଆସିଲେ । ସେ ଉକ୍ତ ମସ୍‌ଜିଦର ତାଲା ଖୋଲିବା ନିମନ୍ତେ ଉଦ୍ୟମ କରିଥିଲେ ଏବଂ ଏଥିରେ ସେ ସଫଳ ମଧ୍ୟ ହେଲେ ଏବଂ ସେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କୁ ପତ୍ର ଲେଖିଲେ ଯେ, ହୁଜୁର ! ବର୍ତ୍ତମାନ ଉକ୍ତ ମସ୍‌ଜିଦକୁ ଏକ ଟ୍ରଷ୍ଟ୍ କରି ଦିଆଯାଇଛି । ମୋତେ ଏହି ଟ୍ରଷ୍ଟ୍‌ର ନିରୀକ୍ଷକ କରିଯାଇଛି । ପୁନଶ୍ଚ ଏତଦ୍‌ପରେ ଉକ୍ତ ମସ୍‌ଜିଦ୍‌ରେ ପୁନଃ ନମାଜ ପାଠ ଆରମ୍ଭ ହୋଇଛି । ଯେତେବେଳେ ଉକ୍ତ ମସ୍‌ଜିଦକୁ ଖୋଲାଗଲା ସେତେବେଳେ ଖ୍ୱାଜା କମାଲୁଦ୍ଦୀନ୍ ସାହେବଙ୍କ ସହିତ ଚୌଧୁରୀ ଜଫୁଲ୍ଲାଃ ଖାଁ ସାହେବ ମଧ୍ୟ ଉକ୍ତ ମସ୍‌ଜିଦ୍‌କୁ ଯାଇଥିଲେ । ସେଠାକୁ ଯାଇ ସେ ନଫିଲ୍ ନମାଜ୍ ପାଠ କଲେ, ଦୁଆ ମଧ୍ୟ କଲେ, ପୁନଶ୍ଚ କିଛି କାଳ ପରେ ହ. ଖଲିଫତୁଲ୍ ମସିହ୍ ସାନି ହ. ମୁସ୍‌ଲେହ୍ ମଉଦ ର.ଅ ମୁବଲ୍ଲିଗିନ୍‌ମାନଙ୍କୁ ଆହ୍ୱାନ ଦେଇଥିଲେ । କିନ୍ତୁ ଅର୍ଥଭାବ ତଥା ଅର୍ଥ ଉପଲବ୍ଧ ହୋଇ ପାରି ନଥିଲା । କିନ୍ତୁ ସେ ଯାହା ହେଉ କୌଣସି ପ୍ରକାରେ ଉଦ୍ୟମ କରି ଚୌଧୁରୀ ଫତେହ୍ ମୁହମ୍ମଦ୍ ସିୟାଲ୍ ସାହେବ ର.ଅଙ୍କୁ ସେଠାକୁ ପ୍ରେରଣ କରାଯାଇଥିଲା । ଆପଣ ମଧ୍ୟ ଖ୍ୱାଜା ସାହେବଙ୍କ ସହିତ କିଛି କାଳ କାର୍ଯ୍ୟ କରିଥିଲେ । ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ଅୱଲ୍ (ପ୍ରଥମ)ଙ୍କ ବିୟୋଗ ପରେ ଖ୍ୱାଜା ସାହେବ ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ବୈଅତ୍ ଯେତେବେଳେ କଲେ ନାହିଁ ସେତେବେଳେ ଚୌଧୁରୀ ଫତେହ୍ ମୁହମ୍ମଦ୍ ସାହେବ ସିୟାଲ୍ ସାହବ ର.ଅ ତାଙ୍କୁ ଛାଡ଼ି ଅନ୍ୟ ସ୍ଥାନକୁ ଚାଲି ଯାଇଥିଲେ । ସେ ଯାହା ହେଉ ଏହା ୱୋକିଙ୍ଗ୍‌ର ମସଜିଦ୍ ଥିଲା । କିନ୍ତୁ କୌଣସି ମୁସଲମାନ ସଂପ୍ରଦାୟ କିମ୍ବା ଜମାଅତ୍ ଅହେମଦିୟା ପକ୍ଷରୁ ଉକ୍ତ ମସ୍‌ଜିଦଟି ପ୍ରଥମ ମସଜିଦ୍ ଭାବରେ ପରିଚିତ ଅଟେ । ଇଂଲଣ୍ଡରେ ଉକ୍ତ ମସ୍‌ଜିଦ୍‌ର ନିର୍ମାଣ ହୋଇଥିଲା । ତେଣୁ ଉକ୍ତ ମସ୍‌ଜିଦ୍‌ର ନାମ ମସଜିଦ୍ ଫଜଲ୍ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନିଃସନ୍ଦେହ ରୂପେ ଆଜି ଇଂଲଣ୍ଡରେ, ଲଣ୍ଡନରେ ଓ ପଶ୍ଚାତ୍ୟ ଦେଶମାନଙ୍କରେ ମଧ୍ୟ ମୁସଲମାନମାନଙ୍କର ଅନେକ ମସ୍‌ଜିଦ୍‌ଗୁଡ଼ିକ ରହିଛି । କିନ୍ତୁ ଲଣ୍ଡନ୍‌ରେ ପ୍ରଥମ ମସଜିଦ୍ ହେବାର ସମ୍ମାନ ମସ୍‌ଜିଦ୍ ଫଜଲ୍‌କୁ ହିଁ ପ୍ରାପ୍ତ ହୋଇଛି । କିନ୍ତୁ ଏଠାରେ ଯେଉଁ ମସ୍‌ଜିଦ୍ ରହିଛି ସେହି ସବୁ ମସଜିଦ୍‌ଗୁଡ଼ିକ ମଧ୍ୟ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସଂସାରରେ ପ୍ରସାରିତ କରୁ ନାହିଁ । କିମ୍ବା ପାଶ୍ଚାତ୍ୟ ଦେଶମାନଙ୍କରେ ସୁନ୍ଦର ଶିକ୍ଷା ପ୍ରସାରିତ କରୁ ନାହିଁ । ଯେଭଳି ସୁନ୍ଦର ଶିକ୍ଷା ଜମାଅତ୍ ଅହେମଦିୟାର ମସ୍‌ଜିଦ ମାଧ୍ୟମରେ ପ୍ରେମ, ଆନ୍ତରୀକତା, ସନ୍ଧି, ମୈତ୍ରୀର ବାର୍ତ୍ତା ପ୍ରତ୍ୟେକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପହଞ୍ଚୁଛି ସେହିପରି ସୁନ୍ଦର ଶିକ୍ଷା ଅନ୍ୟ ଅଣଅହେମଦି ମସ୍‌ଜିଦ୍ ମାଧ୍ୟମରେ ପ୍ରେମ, ଆନ୍ତରୀକତା, ପ୍ରୀତି ଓ ମୈତ୍ରୀର ବାର୍ତ୍ତା ପ୍ରତ୍ୟେକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପହଞ୍ଚୁ ନାହିଁ । ଅଲ୍ଲାଃତାଲାଙ୍କର ଏହି କୃପା ରହିଛି ଯେ, ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ ଯେଉଁ ମସ୍‌ଜିଦ୍‌ଗୁଡ଼ିକ ରହିଛି ସେସବୁ ସରକାରଙ୍କ ସ୍ୱଳ୍ପ ଉଦ୍ୟମରେ କିମ୍ବା ଅନ୍ୟ କେତେକ ଇସ୍‌ଲାମୀୟ ରାଷ୍ଟ୍ର ତଥ ସଂଗଠନମାନଙ୍କ ସହାୟତାରେ ନିର୍ମିତ ହୋଇଛି କିମ୍ବା ସେହି ମସ୍‌ଜିଦ୍‌ଗୁଡ଼ିକୁ ସ୍ୱଳ୍ପ ଅର୍ଥ ପାଶ୍ଚାତ୍ୟ ସରକାର ଅବା ଇସ୍‌ଲାମୀୟ ସରକାରଙ୍କ ସହାୟତା ପ୍ରଦାନ କରିଛନ୍ତି । କିନ୍ତୁ ଜମାଅତ୍ ଅହେମଦିୟାର ଏହି ବିଶେଷତା ରହିଛି ଯେ, ଜମାଅତ୍ ଅହେମଦିୟା ସରକାରଙ୍କ ଠାରୁ କୌଣସି ପାଣ୍ଠି ନିଏ ନାହିଁ । ବରଂ ସେହି ସବୁ ମସ୍‌ଜିଦ୍‌ଗୁଡ଼ିକୁ ଏବେ ମଧ୍ୟ ସରକାରଙ୍କ ପକ୍ଷରୁ ପାଣ୍ଠି ଯୋଗାଇ ଦିଆଯାଉଛି । ଏଠାରେ ମୁସଲମାନମାନଙ୍କର ଯେଉଁ ସଂଗଠନଗୁଡ଼ିକ ସ୍ଥାପିତ ହୋଇଛିନ୍ତି ସେହି ସଂଗଠନମାନଙ୍କୁ ସରକାରଙ୍କ ପକ୍ଷରୁ ଏଠାରେ ଅର୍ଥାତ୍ ଇଂଲଣ୍ଡରେ ମଧ୍ୟ ପାଣ୍ଠି ମିଳିଥାଏ ବା ଯୋଗାଇ ଦିଆଯାଇଥାଏ ।

ଜମାଅତ୍ ଅହେମଦିୟାର ଏହି ବିଶେଷତା ରହିଛି ଯେ, ଜମାଅତ୍‌ର ମସ୍‌ଜିଦ୍ ଲୋକମାନଙ୍କର ଚାନ୍ଦା ଏବଂ ବଳିଦାନ ଦ୍ୱାରା ନିର୍ମିତ ହୋଇଥାଏ । ଅଲ୍ଲାଃତାଲାଙ୍କ କୃପାରୁ ବର୍ତ୍ତମାନ ଇଂଲଣ୍ଡରେ ମଧ୍ୟ ଜମାଅତ୍‌ର ବଳିଦାନ ଯୋଗୁଁ ଦ୍ୱାଦଶରୁ ଉର୍ଦ୍ଧ୍ୱ ମସ୍‌ଜିଦଗୁଡ଼ିକ ନିର୍ମିତ ହୋଇ ସାରିଛି ଓ ପଶ୍ଚିମ ରାଷ୍ଟ୍ରମାନଙ୍କରେ ମଧ୍ୟ ଅସଂଖ୍ୟ ମସ୍‌ଜିଦ୍ ନିର୍ମିତ ହୋଇଯାଇଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଆଜି ମସ୍‌ଜିଦ୍ ଫଜଲ୍ ସଂକ୍ରାନ୍ତରେ ମୁଁ କିଛି ଚର୍ଚ୍ଚା କରିଦେବାକୁ ଚାହୁଁଛି। ଉକ୍ତ ଚର୍ଚ୍ଚାର ମହତ୍ତ୍ୱର ପରିପ୍ରକାଶ ସେତେବେଳେ ହେବ କିମ୍ବା ଆମେମାନେ ଯେଉଁ ଉତ୍ସବ ତଥା ସମାରୋହ ଏକ ଶତ ବର୍ଷ ପୂର୍ତ୍ତି ଅବସରରେ ପାଳନ କରୁଛେ । ସେହି ଉତ୍ସବ ଏବଂ ସମାରୋହର ସେତେବେଳେ ଲାଭଦାୟକ ସାବ୍ୟସ୍ତ ହେବ ଯେତେବେଳେ ଆାମେମାନେ ମସ୍‌ଜିଦ୍‌ର ଅଭିପ୍ରାୟକୁ ଚରିତାର୍ଥ ଓ ମସଜିଦକୁ ନମାଜ ପାଠକାରୀଙ୍କ ଦ୍ୱାରା ପରିପୂର୍ଣ୍ଣକାରୀ ବ୍ୟକ୍ତି ରୂପେ ପରିଗଣିତ ଓ ବିବେଚିତ ହେବୁ । ଅର୍ଥାତ୍ ନମାଜ ପାଠକାରୀଙ୍କ ଦ୍ୱାରା ମସଜିଦକୁ ପରିପୂର୍ଣ୍ଣ ରଖିବା ଦ୍ୱାରା ଆମେମାନେ ଏହି ଅଭିପ୍ରାୟକୁ ଚରିତାର୍ଥ ଓ ପୂର୍ଣ୍ଣ କରିପାରିବୁ । ନିଜର ଅବସ୍ଥାକୁ ପରିବର୍ତ୍ତନ କରିବାର ଅଧିକାର ରହିଛି, ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବାର ଅଧିକାର ରହିଛି, ନିଜର ବଂଶଧରମାନଙ୍କୁ ମସ୍‌ଜିଦ୍ ସହିତ ସଂଶ୍ଳୀଷ୍ଟ ରଖିବାର ଅଧିକାର ରହିଛି। ଆମେମାନେ ଇସ୍‌ଲାମୀୟ ଅଧିକାରକୁ ପୂର୍ଣ୍ଣ କରିବୁ। ଅତଏବ୍ ଉପରୋକ୍ତ ଉପଦେଶକୁ ପ୍ରତ୍ୟେକ ଅହେମଦିମାନଙ୍କୁ ସ୍ମରଣ ରଖିବା ଉଚିତ୍ । କାରଣ କେବଳ ଗୋଟିଏ ଉତ୍ସବ କରି କିମ୍ବା ଦୀପ ପ୍ରଜ୍ୱଳନ (ଜାଳି) ଆନନ୍ଦିତ ହୋଇ ଯାଆନ୍ତୁ ନାହିଁ। ବରଂ ମସ୍‌ଜିଦର କର୍ତ୍ତବ୍ୟ ବା ଅଧିକାରକୁ ମଧ୍ୟ ପୂର୍ଣ୍ଣ କରନ୍ତୁ । ମସ୍‌ଜିଦ୍ ସ୍ଥାପିତ ହୋଇଥିବା ତାରିଖକୁ ଦେଖନ୍ତୁ ଏବଂ ସେହି ତାରିଖ ଉପରେ ବିଚାର କରନ୍ତୁ ପୁନଶ୍ଚ ନିଜର ଅବସ୍ଥା ଉପରେ ବିଚାର କରନ୍ତୁ । ଉକ୍ତ ପ୍ରସଙ୍ଗକୁ ଆୟୁଦ୍ଧ କରି ଯେଉଁ ମୌଳିକ କଥା ମୁଁ କହି ଦେବାକୁ ଚାହୁଁଛି ତାହା ଏହିକି ଯେ, ହ. ମସିହ୍ ମଉଦ୍ ଅ.ସ ଇସ୍‌ଲାମ୍ ଧର୍ମ ପଶ୍ଚିମ ଦେଶରେ ପ୍ରସାରିତ ହେବା ବା ବ୍ୟାପୀବା ସଂକ୍ରାନ୍ତରେ ଏକ ସ୍ୱପ୍ନ ସଂପର୍କରେ ଆପଣ ଅ.ସ ବର୍ଣ୍ଣନା କରି କୁହନ୍ତି ଯେ, "ଏହିପରି ଏକ ସୂର୍ଯ୍ୟ ପଶ୍ଚିମ ଦିଗରୁ ଉଦିତ ହେବ । ସେ ଯାହା ହେଉ ଆମେମାନେ ସେହି ଏହି ନିଦର୍ଶନ ଅର୍ଥାତ୍ ସୂର୍ଯ୍ୟ ଉପରେ ବିଶ୍ୱାସ ଆଣୁଛୁ । କିନ୍ତୁ ଏହି ବିନୀତ ଉପରେ ଯେଉଁ ସ୍ୱପ୍ନ ମାଧ୍ୟମରେ ପ୍ରକଟିତ ହେଲା ତାହା ଏହିପରି ଯେ, ପଶ୍ଚିମ ଦିଗ୍‌ବଳୟରେ ସୂର୍ଯ୍ୟ ଉପରକୁ ଉଠୁଛି। ଉକ୍ତ ସ୍ୱପ୍ନର ଅର୍ଥ ଏହିକିଯେ, ପାଶ୍ଚାତ୍ୟ ଦେଶ ଯେଉଁମାନେ ପୁରାତନ କାଳରୁ ଅନ୍ଧକାର ଓ ଅବିଶ୍ୱାସକାରୀତ ଗ୍ରସ୍ତ ତଥା ପୀଡ଼ିତ ଅଟନ୍ତି ସେମାନେ ସତ୍ୟତାମୂଳକ ସୂର୍ଯ୍ୟରଶ୍ମୀ ଦ୍ୱାରା ଆଲୋକିତ ହେବେ ଓ ସେମାନଙ୍କୁ ଇସ୍‌ଲାମ୍ ଧର୍ମରୁ ଏକ ଅଂଶ ପ୍ରାପ୍ତ ହେବ (ଅର୍ଥାତ୍ ସେମାନେ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ଜମାଅତ୍ ଅହେମଦିୟାରେ ସାମିଲ୍ ହେବେ)। " **(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-376-377, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ଔତ୍ସୁକ ଓ ଆମନ୍ତ୍ରିତମୂଳକ ଭାବରେ ଆପଣ ଅ.ସ କହିଲେ, "ଅତଃ ଆମମାନଙ୍କୁ ଏହି ଆଶା ରଖିବ । ଉଚିତ୍ ଯେ, ଆମେମାନେ **ଇନ୍‌ଶଅଲ୍ଲାଃ** ସେହି ଦେଶମାନଙ୍କରେ ମଧ୍ୟ ଇସ୍‌ଲାମ୍ ଧର୍ମ ପ୍ରସାରିତ ହେବ ।" ପୁନଶ୍ଚ ଆପଣ ଅ.ସଙ୍କ ଆଉ ଏକ ଭବିଷ୍ୟବାଣୀ ରହିଛି ଯେ, ଆପଣ ଅ.ସ କୁହନ୍ତି: "ମୁଁ ଅବଲୋକନ କରିଛି ଯେ, ମୁଁ ଲଣ୍ଡନର ଏକ ମଞ୍ଚ ଉପରେ ଠିଆ ହୋଇଛି ଏବଂ ଇଂରାଜୀ ଭାଷାରେ ଏକ ପ୍ରାମାଣ୍ୟ ତଥା ସିଦ୍ଧାନ୍ତଭିତ୍ତିକ ବର୍ଣ୍ଣନା ମାଧ୍ୟମରେ ଇସ୍‌ଲାମ୍ ଧର୍ମର ସତ୍ୟତା ପ୍ରକାଶିତ କରୁଅଛି । ଏତଦ୍‌ପରେ ମୁଁ ଅନେକ ଛୋଟ ଛୋଟ ପକ୍ଷୀମାନଙ୍କୁ ଧରିଲି। ସେହି ପକ୍ଷୀମାନେ ଖୁବ୍ କ୍ଷୁଦ୍ରାକୃତିର ପକ୍ଷୀ ଥିଲେ ଏବଂ ସେମାନେ ବୃକ୍ଷ ଉପରେ ବସିଥିଲେ । ସେହି ପକ୍ଷୀମାନଙ୍କର ରଙ୍ଗ ଧବଳ (ଧଳା ରଙ୍ଗ) ବର୍ଣ୍ଣ ଥିଲା । ସମ୍ଭବତଃ ଏକ ତିତର (ଶିକାରୀ ପକ୍ଷୀ)ର ଶରୀର ଭଳି ସେହି ପକ୍ଷୀମାନଙ୍କର ଶରୀର ହେବ। ସୁତରାଂ ମୁଁ ଉକ୍ତ ସ୍ୱପ୍ନର ଏହି ଅର୍ଥ ବାହାର କଲି ଯେ, ଯଦିଓ ମୁଁ ନୁହେଁ କିନ୍ତୁ ମୋର ଲେଖନୀ ସେହି ଲୋକମାନଙ୍କ ମଧ୍ୟରେ ବ୍ୟାପୀବ ଓ ପ୍ରଚାରି ପ୍ରସାର ଲାଭ ପାଇବ। ଅନେକ ସତ୍ୟବାଦୀ ଇଂରେଜମାନେ ସତ୍ୟତାରେ ଶିକାର ହୋଇଯିବେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବାସ୍ତବରେ ଆଜି ପର୍ଯ୍ୟନ୍ତ ପାଶ୍ଚାତ୍ୟ ଦେଶମାନଙ୍କର ଧାର୍ମିକ ସତ୍ୟତା ସହିତ ଖୁବ୍ ସ୍ୱଳ୍ପ ସଂପର୍କ ରହିଛି । କାରଣ ଈଶ୍ୱର ଧର୍ମର ଚୈତନ୍ୟ ଏବଂ ବୁଦ୍ଧି ସମସ୍ତ ଏସିଆବାସୀଙ୍କୁ ହିଁ ପ୍ରଦାନ କଲେ ଏବଂ ଧର୍ମ ସମ୍ବନ୍ଧୀୟ ସମସ୍ତ ବୁଦ୍ଧି ଏବଂ ଜ୍ଞାନ ଇଉରୋପବାସୀଙ୍କୁ ଓ ଆମେରିକାବାସୀଙ୍କୁ ପ୍ରଦାନ କଲେ । ଅବତାରମାନଙ୍କର ପରମ୍ପରା ମଧ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏସିଆବାସୀଙ୍କ ଭାଗରେ ପଡ଼ିଲା । ସାଧୁ ସନ୍ଥମାନଙ୍କର ପୂର୍ଣ୍ଣ ଚମତ୍କାର ଓ କରାମତି ମଧ୍ୟ ଏସିଆବାସୀଙ୍କୁ ହିଁ ପ୍ରାପ୍ତ ହେଲା । ବର୍ତ୍ତମାନ ଈଶ୍ୱର ସେହି ଲୋକମାନଙ୍କ ଉପରେ ଦୟାବତୀର୍ଣ୍ଣ କରିବାକୁ ଚାହାନ୍ତି । ଅର୍ଥାତ୍ ଅଲ୍ଲାଃତାଲା ପାଶ୍ଚାତ୍ୟ ଦେଶମାନଙ୍କ ଉପରେ ନିଜର କୃପାଦୃଷ୍ଟି ପକାଇବାକୁ ଚାହୁଁଛନ୍ତି । **(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-377, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ହେଉଛି ହୁଜୁର ଅ.ସଙ୍କ ଆଦେଶବଳୀ, ଅଭିଳାଷା, ଦୁଆ, ଶୁଭ ସୂଚନା । ଉକ୍ତ କାର୍ଯ୍ୟାବଳୀକୁ ଜାରି ରଖିବା ନିମନ୍ତେ ଆଜି ଜମାଅତ୍ ଅହେମଦିୟା ଇଂଲଣ୍ଡରେ ମଧ୍ୟ ଓ ବ୍ରିଟେନ୍ ବ୍ୟତୀତ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ମଧ୍ୟ, ଆମେରିକାରେ ମଧ୍ୟ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ ମଧ୍ୟ ଇସ୍‌ଲାମ୍ ଧର୍ମର ପ୍ରକୃତ ବାର୍ତ୍ତା ବା ସନ୍ଦେଶ ପହଞ୍ଚାଉ ଅଛି । ମସଜିଦ୍ ଫଜଲର ପ୍ରାରମ୍ଭ ମଧ୍ୟ ଉପରୋକ୍ତ ଅଭିପ୍ରାୟକୁ ପରିପୂର୍ଣ୍ଣ ତଥା ଚରିତାର୍ଥ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

କରିବା ନିମନ୍ତେ ହୋଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ଚର୍ଚ୍ଚା କରିଥିଲି ଯେ, ୱୋକିଙ୍ଗ୍‌ର ମସ୍‌ଜିଦ୍‌ରେ ପ୍ରଥମେ ଖ୍ୱାଜା କମାଲୁଦ୍ଦୀନ୍ ସାହେବ ଆସିଥିଲେ । କିନ୍ତୁ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ବିୟୋଗ ପରେ ଖିଲାଫତ୍‌ର ବୈଅତ୍ ସେ କଲେ ନାହିଁ । ସେହି କାରଣରୁ ଚୌଧୁରୀ ଫତେହ୍ ମୁହମ୍ମଦ୍ ସିୟାଲ୍ ସାହେବ ର.ଅ ଯେକି ସେତେବେଳେ ତାଙ୍କ ସହିତ ଥିଲେ ସେ ମଧ୍ୟ ତାଙ୍କ ସହିତ କାର୍ଯ୍ୟ କରିବାରେ ଅସହଜ ଅନୁଭବ କଲେ ଓ ବିରକ୍ତ ଭାବ ପ୍ରକାଶ କଲେ । ସୁତରାଂ ଚୌଧୁରୀ ଫତେହ୍ ମୁହମ୍ମଦ୍ ସିୟାଲ୍ ସାହେବ ଖ୍ୱାଜା କାମଲୁଦ୍ଦୀନ୍ ସାହେବଙ୍କ ଠାରୁ ଭିନ୍ନ ହୋଇ ଅନ୍ୟ ସ୍ଥାନକୁ ଚାଲି ଆସିଲେ ଏବଂ ଜମାଅତ୍ ଅହେମଦିୟାର ତବ୍‌ଲିଗ୍ କାର୍ଯ୍ୟ ଆରମ୍ଭ କରିଦେଲେ । ଆପଣ (ଫତେହ୍ ମୁହମ୍ମଦ ସିୟାଲ୍ ସାହେବ) ର.ଅ ଲୋକମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ବାର୍ତ୍ତା ଦେଲେ ଓ ଅଲ୍ଲାଃତାଲାଙ୍କ କୃପାରୁ ଫତେହ୍ ମୁହମ୍ମଦ୍ ସିୟାଲ୍ ସାହେବ ର.ଅଙ୍କୁ ସଫଳତା ମଧ୍ୟ ପ୍ରାପ୍ତ ହେଲା । ଅତଏବ୍ ଆମେମାନେ ଏହା କହି ପାରିବା ଯେ, ଚୋଧୁରୀ ଫତେହ୍ ମୁହମ୍ମଦ୍ ସିୟାଲ୍ ସାହେବ ର.ଅ ଜମାଅତ୍ ଅହେମଦିୟାରେ ପ୍ରଥମ ମୁବଲ୍ଲିଗ୍ ଅଟନ୍ତି । ଆପଣ ନିୟମିତ ତଥା ସ୍ଥାୟୀ ମୁବଲ୍ଲିଗ୍ ହୋଇ ଏଠାକୁ ଆସିଥିଲେ ଓ ସର୍ବ ପ୍ରଥମ ଫଳ ମଧ୍ୟ ଆପଣ ର.ଅଙ୍କୁ ପ୍ରାପ୍ତ ହେଲା । ସେହି ଫଳ ହେଲେ ମିଷ୍ଟର କୋରିଓ ସାହେବ । କୋରିଓ ସାହେବ ଜଣେ ସାମ୍ବାଦିକ ଥିଲେ । ସେ ମୁସଲମାନ ଅହେମଦି ହେଲେ ଏବଂ ଏତଦ୍‌ପରେ 12ରୁ ଉର୍ଦ୍ଧ୍ୱ ଲୋକମାନେ ଅହେମଦି ମୁସଲମାନ ହେଲେ । ଚୌଧୁରୀ ସାହେବଙ୍କ ପ୍ରଚାର ଅଧିକାଂଶ ଅଭିଭାଷଣ ମାଧ୍ୟମରେ ହେଉଥିଲା । ଅର୍ଥାତ୍ ପ୍ରଚାର ଭିତ୍ତିକ ଥିଲା । ଆପଣ ଇସ୍‌ଲାମ୍ ଧର୍ମର ବାର୍ତ୍ତା ଏପରି ପହଞ୍ଚାଉଥିଲେ ଯେ, ବିଭିନ୍ନ ସ୍ଥାନମାନଙ୍କରେ, କ୍ଲବ୍‌ମାନଙ୍କରେ ଓ ସୋସାଇଟିକୁ ଯାଇ ଆପଣ ଭାଷଣ ଦେଉଥିଲେ। ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଚୌଧୁରୀ ଫତେହ୍ ମୁହମ୍ମଦ ସିୟାଲ୍ ସାହେବ ର.ଅଙ୍କୁ କାଦିଆନ୍ ଡ଼କାଇନେଲେ ଏବଂ ତାଙ୍କୁ ଫେରି ଆସିବାକୁ କହିଲେ ଓ ତାଙ୍କ ସ୍ଥାନରେ କାଜି ଅବ୍‌ଦୁଲ୍ଲାଃ ସାହେବ ର.ଅଙ୍କୁ ମୁବଲ୍ଲିଗ୍ କରି ପ୍ରେରଣ କଲେ । ସେ ଏଠାରେ କିଛି କାଳ କାମ କଲେ ଏବଂ ଆପଣ (କାଜି ସାହେବ) ର.ଅ କାଜି ମଧ୍ୟ ଥିଲେ । ଏହିପରି ପରିସ୍ଥିତିରେ ଯେତେବେଳେ ଯୁଦ୍ଧ ଆରମ୍ଭ ହୋଇ ସାରିଥିଲା ସେତେବେଳେ ଉକ୍ତ ତବ୍‌ଲିଗ୍ କାର୍ଯ୍ୟଟି ଅତ୍ୟନ୍ତ କାଠିକର ପାଠ ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ସାରିଥିଲା । ତବଲିଗ୍ କାର୍ଯ୍ୟ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ହୋଇ ପଡ଼ିଥିଲା । କିନ୍ତୁ ଆପଣ ତବ୍‌ଲିଗ୍ କାର୍ଯ୍ୟ ଜାରି ରଖିଥିଲେ । କାଜି ସାହେବଙ୍କ କାଳରେ ମିଶନକୁ ଏକ ସ୍ଥାୟୀ ସ୍ଥାନ କରିବା ଉଦ୍ଦେଶ୍ୟରେ ଷ୍ଟାର ଷ୍ଟ୍ରିଟ୍‌ଙ୍କ ଘର ଭଡ଼ାରେ ନିଆଗଲା । ପୁନଶ୍ଚ ଇତିହାସରେ ଏହା ମଧ୍ୟ ଉଲ୍ଲିଖିତ ରହିଛି ଯେ, କାଜି ସାହେବ ର.ଅ ଏଠାରେ ରହିବା ସମୟରେ ହ. ଖଲିଫତୁଲ୍ ମସିହି ସାନି ର.ଅ ହ. ମୁଫତି ସାଦିକ୍ ସାହେବ ର.ଅଙ୍କୁ ମୁବଲ୍ଲିଗ୍ ରୂପେ ପ୍ରେରଣ କଲେ । ସେ 1917 ମସିହାରୁ ଜାନୁୟାରୀ 1920 ମସିହା ପର୍ଯ୍ୟନ୍ତ ଏଠାରେ ଅବସ୍ଥାନ କରିଥିଲେ । 1919 ମସିହାରେ ପୁନଃ ଚୌଧୁରୀ ଫତେହ୍ ମୁହମ୍ମଦ ସିୟାଲ୍ ସାହେବ ର.ଅଙ୍କୁ ଏବଂ ମୌଲବୀ ଅବ୍‌ଦୁର୍ ରହିମ୍ ସାହେବଙ୍କୁ ଏଠାକୁ ପ୍ରେରଣ କଲେ । ନିଃସ୍ୱାର୍ଥପର ଭାବରେ ଏହି ବ୍ୟକ୍ତି ଦ୍ୱୟ ତବ୍‌ଲିଗ୍ (ପ୍ରଚାର) କାର୍ଯ୍ୟ ସମ୍ପାଦନ କଲେ । 1920 ମସିହାରେ ଚୌଧୁରୀ ଫତେହ୍ ମୁହମ୍ମଦ ସିୟାଲ୍ ସାହେବ ର.ଅଙ୍କୁ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ପକ୍ଷରୁ ଏହା କୁହାଗଲା (ସୂଚନା ପ୍ରାପ୍ତ ହେଲା) କି ଇଂଲଣ୍ଡରେ ଏକ ଜମି କ୍ରୟ କରାଯାଉ ଏବଂ ସେହି ଜମିରେ ମସ୍‌ଜିଦ୍ ନିର୍ମାଣ କରାଯାଉ । ସେହି ଜମିରେ ନିୟମିତ ତଥା ସ୍ଥାୟୀ ମିଶନ ହାଉସ୍ ନିର୍ମାଣ କରି ସେଠାରେ କାମ (ତବ୍‌ଲିଗ୍) ଆରମ୍ଭ କରାଯାଉ। ଏଥିନିମନ୍ତେ ଭରପୁର ପ୍ରଚେଷ୍ଟା ହେଲା ଓ 2200/- ପାଉଣ୍ଡରୁ ଉର୍ଦ୍ଧ୍ୱ ଅର୍ଥ ସହାୟତାରେ ପଟନୀ ଅଞ୍ଚଳରେ ଏକ ଜମି କିଣାଗଲା ।

ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଯେତେବେଳେ ଉକ୍ତ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ର.ଅ ଡେଲ୍‌ହାଉସୀ ଠାରେ ଥିଲେ । ଆପଣ ର.ଅ ସେଠାରେ ସମାରୋହ କଲେ ଏବଂ ପୁନଶ୍ଚ ମସ୍‌ଜିଦ୍ ଫଜଲ୍ ନାଁରେ ସେହି ମସ୍‌ଜିଦର ନାମ ମଧ୍ୟ ନାମକରଣ କଲେ । ଏତଦ୍‌ପରେ ଆପଣ ର.ଅ ଲୋକମାନଙ୍କୁ ଅର୍ଥାତ୍ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଚାନ୍ଦା ଦେବା ନିମନ୍ତେ ଆହ୍ୱାନ ଦେଲେ । କାରଣ ମସ୍‌ଜିଦ୍ ନିର୍ମାଣ ନିମନ୍ତେ ଅଧିକରୁ ଅଧିକ ଅର୍ଥ ଏକତ୍ରିତ ହୋଇଯାଉ । ଉକ୍ତ ଜମି ଖଣ୍ଡକୁ ଚୌଧୁରୀ ଫତେହ୍ ମୁହମ୍ମଦ୍ ସିୟାଲ୍ ସାହେବ ର.ଅ ଜଣେ ଇହୁଦୀ ବ୍ୟକ୍ତି ଠାରୁ କ୍ରୟ (କିଣି) ଥିଲେ । ଯେପରିକି ଆମମାନଙ୍କୁ ଏକଥା ଜଣା ଯେ, ଉକ୍ତ ମସ୍‌ଜିଦ୍‌ଟି ବର୍ତ୍ତମାନ ନୂତନ ରୂପେ ନିର୍ମିତ ହୋଇ ସାରିଛି । କିନ୍ତୁ ସେତେବେଳେ ଉକ୍ତ ମସ୍‌ଜିଦ୍‌ଟି ଏକ ବାସ ଭବନ ଥିଲା । ପ୍ରାୟ ଏକ ହେକ୍ଟର ପାଖାପାଖ ଜମି ରହିଥିଲା । ପୁନଶ୍ଚ ଇତିହାସ ଆମମାନଙ୍କୁ କହେ କି ଉକ୍ତ ମସ୍‌ଜିଦ୍‌ର କାର୍ଯ୍ୟ କିପରି ଆଗକୁ ଅଗ୍ରସର ହେଲା, କିପରି ମସ୍‌ଜିଦ୍‌ଟି ନିର୍ମିତ ହେଲା ? 1924 ମସିହାରେ ପ୍ରଦର୍ଶନୀ ସମୟରେ କେତେକ ସମ୍ମାନିତ ବ୍ୟକ୍ତିମାନଙ୍କ ମନରେ ଏହି ଭାବନା ଉଦ୍ରେକ ହେଲା ଯେ, ଉକ୍ତ ଆନ୍ତର୍ଜାତିକ ପ୍ରଦର୍ଶନୀ ସହିତ ସଂସାରର ବିଭିନ୍ନ ଧର୍ମର ମଧ୍ୟ ପ୍ରଦର୍ଶନୀ ଏଠାରେ କରାଯାଉ । ଖ୍ରୀଷ୍ଟ ଧର୍ମକୁ ପୃଥକ୍ ରଖି ଅର୍ଥାତ୍ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ସଂକ୍ରାନ୍ତରେ ସ୍ୱୟଂ ପାଶ୍ଚାତ୍ୟବାସୀମାନେ ଅବଗତ ଅଟନ୍ତି । ତେଣୁ ଖ୍ରୀଷ୍ଟ ଧର୍ମକୁ ପୃଥକ୍ ରଖି ଅନ୍ୟ ଧର୍ମ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରାଯାଉ। ସେହି ଧର୍ମମାନଙ୍କର ପ୍ରତିନିଧିଙ୍କୁ ଲଣ୍ଡନ ଠାକୁ ଡକାଇ ସେମାନଙ୍କୁ ଭାଷଣ ଦେବା ନିମନ୍ତେ କୁହାଯାଉ । ଏଥି ନିମନ୍ତେ ସେମାନେ ମୌଲବୀ ଅବ୍‌ଦୁର୍ ରହିମ୍ ସାହେବ ନଇୟେର୍ ସାହେବଙ୍କୁ ଯେକି ଏଠାରେ ମୁବଲ୍ଲିଗ୍ ଥିଲେ ତାଙ୍କୁ ଜମାଅତ୍ ପକ୍ଷରୁ ଭାଷଣ ଦେବା ନିମନ୍ତେ ଆମନ୍ତ୍ରିତ କରାଗଲା । ମୌଲାନା ନଇୟେର୍ ସାହେବ ହୁଜୁର ର.ଅଙ୍କ ନିକଟକୁ ଅର୍ଥାତ୍ କାଦିୟାନ୍ ଖବର ପଠାଇଲେ । ପ୍ରତ୍ୟୁତ୍ତରରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଏହାକୁ ସ୍ୱୀକାର କରି କହିଲେ, ମୁଁ ଏଠାରୁ ଜଣେ ପ୍ରତିନିଧିଙ୍କୁ ପ୍ରେରଣ କରିବି ଯିଏ ଇସ୍‌ଲାମ୍ ଧର୍ମର ବିଶେଷତା ସଂପର୍କରେ ବର୍ଣ୍ଣନା କରିବ ଓ ତତ୍‌ସହିତ ଆପଣ ର.ଅ ସ୍ୱୟଂ ଏକ ବିଷୟବସ୍ତୁ ଲେଖିବା ଆରମ୍ଭ କରିଦେଲ । ଯହିଁରେ ଅର୍ଥାତ୍ ଯେଉଁ ବିଷୟବସ୍ତୁରେ ଇସ୍‌ଲାମ୍ ଧର୍ମର ବିଶେଷତା ବର୍ଣ୍ଣନା କରାଯାଇଛି ଏବଂ ପ୍ରକୃତ ଶିକ୍ଷା ସଂପର୍କରେ ବର୍ଣ୍ଣନା କରାଯାଇଛି । ଉକ୍ତ ଭାଷଣ ଏକ ପୃଥୁଳାକାୟ ପୁସ୍ତକ ରୂପ ଧାରଣ କଲା । ଅର୍ଥାତ୍ ଆପଣ (ଖଲିଫା ସାନି) ର.ଅ ଯେଉଁ ବିଷୟବସ୍ତୁ ରଚନା କଲେ ତାହା ଏକ ପୃଥୁଳାକାୟ ପୁସ୍ତକ ରୂପ ଧାରଣ କଲା ଏବଂ ଏହା ଅହେମଦିୟତ୍ କିମ୍ବା ପ୍ରକୃତ ଇସ୍‌ଲାମ୍ ନାମ ଅନୁସାରେ ବର୍ତ୍ତମାନ ପ୍ରକାଶିତ ମଧ୍ୟ ହୋଇ ସାରିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏତଦ୍‌ପରେ ଜମାଅତୀୟ ପ୍ରତିନିଧିଙ୍କୁ ଶୁରା ଅର୍ଥାତ୍ ପରାମର୍ଶ ନିମନ୍ତେ ଡକାଗଲା । ଯହିଁରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଓ ହ. ଅବ୍‌ଦୁର୍ ରହିମ୍ ସାହେବ ଦର୍ଦ୍ଦ୍ ର.ଅ ଏହି ପ୍ରସ୍ତାବ ଦେଲେ ଯେ, ଏହା ହେଉଛି ଏଭଳି ଏକ ଅବସର ଯେ, ଉକ୍ତ ସମ୍ମିଳନୀରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ କୌଣସି ପ୍ରତିନିଧିଙ୍କୁ ପ୍ରେରଣ କରିବା ପରିବର୍ତ୍ତେ ସ୍ୱୟଂ ଯିବା ଉଚିତ୍ ଓ ଆପଣ ସ.ଅଙ୍କ ସହିତ କିଛି ସାଥିମାନେ ମଧ୍ୟ ଯିବେ । ଏତଦ୍‌ପରେ ଏହି ନିଷ୍ପତ୍ତି ନିଆଗଲା ଯେ, ଆପଣ ର.ଅ ସ୍ୱୟଂ ଇଂଲଣ୍ଡ ଯିବେ । ଆପଣ ର.ଅ ଦମିଶ୍କ ମିଶର୍ ଆଦି ଦେଶର ଗସ୍ତ କରି ଇଉରୋପ ଠାରେ ପହଞ୍ଚିଲେ ଏବଂ ନିଜ ସହିତ କିଛି ସଦସ୍ୟଙ୍କୁ ନେଇଯିବେ । ସେହି ସଦସ୍ୟଙ୍କ ମଧ୍ୟରେ ଚୌଧୁରୀ ଜଫ୍ରୁଲ୍ଲାଃ ଖାନ୍ ସାହେ, ହ. ମିର୍ଜା ଶରୀଫ୍ ଅହେମଦ୍ ସାହେବ ଆଦି ସଦସ୍ୟମାନେ ମଧ୍ୟ ସାମିଲ୍ ଥିଲେ । ଏମାନେ ଦୁହେଁ ଅର୍ଥାତ୍ ହ. ମିର୍ଜା ଶରୀଫ୍ ଅହେମଦ ସାହେବ ଓ ଚୌଧୁରୀ ସର୍ ଜଫ୍ରୁଲ୍ଲାଃ ଖାନ୍ ସାହେବ ନିଜସ୍ୱ ଖର୍ଚ୍ଚରେ ଆସିଥିଲେ । ସେହିପରି ହ. ଖଲିଫତୁଲ୍ ମସିହ୍ ସାନି ର.ଅ ମଧ୍ୟ ସ୍ୱ ଖର୍ଚ୍ଚ ବହନ କରିଥିଲେ । ସେ ଯାହା ହେଉ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଦମିଶ୍କ ଏବଂ ମିଶର୍ ଦେଶ ଦେଇ ଇଟାଲୀ, ସୁଇଜରଲ୍ୟାଣ୍ଡ ଓ ଫ୍ରାନ୍ସ ମାର୍ଗ ଦେଇ ଇଂଲଣ୍ଡ ପହଞ୍ଚିଲେ । 1924 ମସିହା ଅଗଷ୍ଟ ମାସ 22 ତାରିଖ ଦିନ ଆପଣ ର.ଅ ଇଂଲଣ୍ଡରେ ପହଞ୍ଚିଥିଲେ । ଏକ ରୋଚକ କଥା ଏହିକି ଯେ, ଲଣ୍ଡନ୍‌ରେ ୱୁରୁଦେ ମସଉଦଙ୍କ ସଂକ୍ରାନ୍ତରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଏକ ସ୍ୱପ୍ନ ପୂର୍ବରୁ ହିଁ ଦେଖାଇ ଦିଆଯାଇଥିଲା । ଅର୍ଥାତ୍ ଆପଣ ର.ଅ ସମୁଦ୍ର କୂଳେ ଇଂଲଣ୍ଡର ଏକ ସ୍ଥାନରେ ଅବତୀର୍ଣ୍ଣ କରିଛନ୍ତି ଓ ଏକ କାଠ ଗଣ୍ଡି ଉପରେ ପାଦ ରଖି ଏକ ସଫଳ ସେନାପତି ପରି ଚତୁର୍ଦ୍ଦିଗରେ ଦୃଷ୍ଟି ବୁଲାଇ ଦେଖୁଛନ୍ତି ଏବଂ ଆପଣ ର.ଅ ଏକ ସ୍ୱର ଶୁଣିଲେ; "ୱଲିୟମ୍ ଦି କଙ୍କରର୍ (William the Conqueror)" । ଅର୍ଥାତ୍ ଇଂଲଣ୍ଡର ଆଧ୍ୟାତ୍ମିକ ବିଜୟ ହୁଜୁର୍ ର.ଅଙ୍କ ଇଂଲଣ୍ଡ ଆଗମନ ସହିତ ନିୟତିକୃତ ଥିଲା ଯାହା ବର୍ତ୍ତମାନ ବାସ୍ତବରେ ପ୍ରାଦୁର୍ଭୂତ ହୋଇଛି ।

ଖବର କାଗମାନଙ୍କରେ ହୁଜୁର ର.ଅଙ୍କ ଯାତ୍ରା ଏବଂ ଇଂଲଣ୍ଡରେ ପହଞ୍ଚିବା ସଂପର୍କିତ ଖବର ମୁଖ୍ୟାଂଶ ତଥା ଅନନ୍ୟ ରୂପେ ପ୍ରକାଶିତ କଲେ । ଆପଣ ର.ଅ ସେଠାରେ ପହଞ୍ଚି ପୁନଶ୍ଚ ଲଣ୍ଡନ୍ ସ୍ଥିତ ଭକ୍ଟୋରିଆ ଷ୍ଟେସନ୍ ଠାରେ ଓହ୍ଲାଇଲେ । ଅର୍ଥାତ୍ ବନ୍ଦରରୁ ଆପଣ ପୁଣି ଭିକ୍ଟୋରିଆ ଅଭିମୁଖେ ଯାଇଥିଲେ ଓ ଭିକ୍ଟୋରିଆ ଷ୍ଟେସନ ଠାରେ ଆପଣ ର.ଅ ଓହ୍ଲାଇଥିଲେ । ଏଠାରୁ ଆପଣ ର.ଅ ଓ ଆପଣ ର.ଅଙ୍କ ଜମାଅତ୍ ସେଣ୍ଟ୍ ପଲ୍‌ର ମହାନ ଓ ଇଂଲଣ୍ଡର ବିଶାଳ ଗୀର୍ଜା ଘର ସମ୍ମୁଖରେ ପହଞ୍ଚିଲେ ଏବଂ ଏତଦ୍‌ପରେ ସେହି ଗୀର୍ଜା ଘର ସମ୍ମୁଖରେ ଛିଡ଼ା ହୋଇ ଆପଣ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଈଶ୍ୱରଙ୍କ ନିକଟରେ ଏକେଶ୍ୱରବାଦର ବିଜୟ ନିମନ୍ତେ ଦୁଆ କଲେ ଓ  ପୁନଶ୍ଚ ନିଜର ଯାତ୍ରୀସମୂହଙ୍କ ସହିତ ସହରରେ ପ୍ରବେଶ କଲେ । ଆପଣର.ଅଙ୍କ ରହଣୀ ନିମନ୍ତେ ଏକ ଭଲ ସ୍ଥାନ ପୂର୍ବରୁ ହିଁ ବ୍ୟବସ୍ଥା କରିଦିଆ ଯାଇଥିଲା । ଯେଉଁ ବାସ ଭବନଟି ଭଡ଼ାରେ ନିଆଯାଇଥିଲା ସେହି ସ୍ଥାନରେ ଏକ ବଡ଼ ଘର ଥିଲା । ଧର୍ମ ସମ୍ମିଳନୀର ବିଷୟବସ୍ତୁ ଓ ବ୍ୟକ୍ତିଗତ ସାକ୍ଷାତକାର ଏବଂ ଜନସାଧାରଣଙ୍କୁ ଉଦ୍‌ବୋଧନ ତଥା ସେହି ସମୟରେ କାବୁଲରୁ ଏହି ସୂଚନା ମିଳିଥିଲା ଯେ, ନେମତୁଲ୍ଲାଃ ଖାନ୍ ସାହେବଙ୍କୁ ମଧ୍ୟ ଶହୀଦ୍ କରିଦିଆ ଯାଇଛି । ଏହି ଘଟଣା ଯୋଗୁଁ ଜମାଅତ୍ ଅହେମଦିୟା ଅନେକାଂଶରେ ପ୍ରସିଦ୍ଧି ଅର୍ଜନ କରିଥିଲା । ଅନେକ ଖବରକାଗଜମାନଙ୍କରେ ଉକ୍ତ ଘଟଣାର ଚର୍ଚ୍ଚା ମଧ୍ୟ ହେଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସେହି ସମାରୋହ ପରେ ମସ୍‌ଜିଦ୍‌ର ମୂଳଦୁଆ ସ୍ଥାପନ କରିବାର ପାଳି (ସମୟ) ଆସିଲା । ଉକ୍ତ କାର୍ଯ୍ୟ ମଧ୍ୟ ଅଲ୍ଲାଃତାଲାଙ୍କ କୃପାରୁ ଅତ୍ୟନ୍ତ ଭବ୍ୟତାର ସହିତ ଓ ପ୍ରଭାବଶାଳୀ ଢଙ୍ଗରେ ସମ୍ପାଦିତ ହୋଇଥିଲା । ମସ୍‌ଜିଦ୍‌ର ଇତିହାସ ସଂପର୍କରେ ଏହା ଉଲ୍ଲେଖ ରହିଛି ଯେ, ଯଦିଓ ବିଲାତ୍‌ରେ ତବଲିଗି (ପ୍ରଚାରିକ) କାର୍ଯ୍ୟକ୍ରମ ଜାରି ହେବା ମାତ୍ରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ମସ୍‌ଜିଦ୍‌ର ଅସ୍ତିତ୍ୱ ସ୍ଥାପନ କରିବାର ଧାରଣା ମନ ଭିତରେ ସୃଷ୍ଟି ହୋଇଥିଲା । କାରଣ ସେଠାରେ ବାରମ୍ବାର ଘର ବଦଳି କରିବା ଦ୍ୱାରା ତବ୍‌ଲିଗ୍‌ର ପ୍ରଭାବକୁ ବ୍ୟାପକ କ୍ଷୟକ୍ଷତି ସହ୍ୟ କରିବାକୁ ପଡୁଥିଲା । ସେ ଯାହା ହେଉ ଜମାଅତ୍‌ର ଏକ କେନ୍ଦ୍ର ହେବା ଉଚିତ୍ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ଯାଇ ଘର ଭଡ଼ ନେବା ଦ୍ୱାରା ଜମାଅତ୍ ଏବଂ ତବ୍‌ଲିଗରେ ସେହି ନିୟମିତତା ଓ ନିରନ୍ତତା ନରହିବା ଫଳରେ ତବ୍‌ଲିଗ୍ ସେତେଟା ଫଳପ୍ରଦ ହୋଇପାରୁ ନଥିଲା ବରଂ ବ୍ୟାଗାତ ସୃଷ୍ଟି ହେଉଥିଲା । ଅତଏବ୍ ଆପଣ ର.ଅଙ୍କ ଏହି ବିଚାର ଥିଲା ଯେ, ଯେମିତି ବି ହେଉ ଜମାଅତ୍‌ର ଏକ କେନ୍ଦ୍ର ହେବା ଉଚିତ୍ । କିନ୍ତୁ ଉକ୍ତ କାର୍ଯ୍ୟଟି ପ୍ରକାଶ୍ୟ ରୂପେ କଷ୍ଟକର ଦୃଶ୍ୟମାନ ହେଉଥିଲା । ତେଣୁ କୌଣସି ବ୍ୟବହାରିକ ଯୋଜନା 1919 ମସିହା ପର୍ଯ୍ୟନ୍ତ ସୃଷ୍ଟି ହୋଇ ପାରିବ ନାହିଁ । ଅର୍ଥାତ୍ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଅର୍ଥ ଉପଲବ୍ଧ ଏବଂ ଲଣ୍ଡନରେ ଉପସ୍ଥିତି ଥିବା ଜମି ମିଳିବା ଯାହାକି ପର୍ଯ୍ୟାପ୍ତ ହେବା ଓ ସଭ୍ୟ ବ୍ୟକ୍ତିଙ୍କ ସାହିରେ ସେହି ଜମି ମିଳିବା ଏପରି ଏକ କଥା ଯେଉଁ ଜମିରେ ଆଇନତଃ କୌଣସି ସର୍ତ୍ତାବଳୀ ଏବଂ କଟକଣା ଲାଗୁ ହେଉ ନଥିବା । ଉକ୍ତ ପ୍ରସଙ୍ଗ ଲଣ୍ଡନର ବାସଗୃହ ଏବଂ ଭୂମି କ୍ରୟ କରିବାରେ ଓ ତତ୍‌ସହିତ ଉଦ୍ଦେଶ୍ୟମୂଳକ ଭାବରେ ବାସଭବନ ନିର୍ମାଣ କରିବାରେ ଏକ ବଡ଼ ବାଧା ଥିଲା। ଏହି ସମସ୍ତ ସର୍ତ୍ତାବଳୀ ପୂରଣ ହେଉଥିବା ଉଚିତ୍ । ପୁନଶ୍ଚ ବାସ ଭବନ ନିର୍ମାଣ ଓ ନିରୀକ୍ଷଣ ସଂପର୍କରେ ସବୁଠୁ ବେଶୀ ଲୋକମାନଙ୍କର ଧ୍ୟାନ ଏଥି ପ୍ରତି (ଉକ୍ତ ବାସ ଭବନ ଅର୍ଥାତ୍ କେନ୍ଦ୍ର) ଆକର୍ଷଣ କରିବା ଏହା ଏଭଳି ଏକ ପ୍ରସଙ୍ଗ ଥିଲା ଯାହାକି ସେହି ମାର୍ଗରେ ବାଧା ହୋଇ ଛିଡ଼ା ହୋଇଥିଲା ବା ବାଧା ସାଜିଥିଲା । କିନ୍ତୁ ଈଶ୍ୱର ପ୍ରତ୍ୟେକ ବ୍ୟବସ୍ଥାକୁ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ଓ ଉତ୍କୃଷ୍ଟ ଭାବରେ ସଂପୂର୍ଣ୍ଣ କରିଦେଲେ। ସର୍ବ ପ୍ରଥମେ ଅର୍ଥ ଉପଲବ୍ଧ ହେବା ପ୍ରସଙ୍ଗ ଥିଲା । ତାହା ଏପରି ହେଲା ଯେ, ଯୁଦ୍ଧ ସମାପ୍ତ ହେବା ପରେ ଏପରି ଏକ ଯୁଗ ଆସିଲା  ଯେ, ପାଉଣ୍ଡ୍‌ର ମୂଲ୍ୟ ହ୍ରାସ ପାଇବା ଆରମ୍ଭ ହେଲା । ଯେତେବେଳେ ପାଉଣ୍ଡ୍‌ର ମୂଲ୍ୟ ଅତି ତଳକୁ ଖସିଗଲା ସେତେବେଳେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ମନେ ମନେ ଉକ୍ତ ସୁଯୋଗରୁ ଲାଭାନ୍ୱିତ ହେବା ନିମନ୍ତେ ଅତ୍ୟନ୍ତ ଭବ୍ୟତାର ସହିତ ଆହ୍ୱାନ ଦେଲେ । ଆପଣ ସମୟକୁ ମୂଲ୍ୟବାନ ବୋଲି ମନେକଲେ ଏବଂ 6 ଜାନୁୟାରୀ 1920 ମସିହାରେ ଆପଣ ଉକ୍ତ ଚିନ୍ତାଧାରା ଅନୁଯାୟୀ ଜୁହୋର୍ ନମାଜ ପାଠ କରି ଫେରୁଥିଲେ କି ସେଠାରେ ସେତେବେଳେ ମସ୍‌ଜିଦରେ କେତେକ ଲୋକମାନେ ବିଳମ୍ବରେ ଆସି ନମାଜ ପାଠ କରୁଥିଲେ । ସେହି ନମାଜ ପାଠକାରୀଙ୍କ ଯୋଗୁଁ ଆପଣଙ୍କ ଯିବା ବାଟ ବନ୍ଦ୍ ହୋଇାଯାଇଥିଲା ଓ ଆପଣ ସେଠାରେ ଅର୍ଥାତ୍ ମସ୍‌ଜିଦ୍‌ରେ ହିଁ ଅଟକି ଯାଇଥିଲେ । ସୁତରାଂ ଆପଣ ର.ଅ ସେହିଠାରେ ହିଁ ବସି ପଡ଼ିଲେ ଓ ବସି ନାଜିର୍ ବୈତୁଲ୍ ମାଲଙ୍କୁ କହିଲେ, ନାଜିର୍ ସାହେବ ! ବର୍ତ୍ତମାନ 14, 15 ହଜାର ଟଙ୍କା ନେଇ ଇଂଲଣ୍ଡ ପ୍ରେରଣ କରି ଦିଆଯାଉ । ଆଜିକାଲି ପାଉଣ୍ଡ ମୁଦ୍ରାର ମୂଲ୍ୟ ହ୍ରାସ ପାଉଛି ତେଣୁ ପାଉଣ୍ଡ୍‌କୁ ଟଙ୍କାରେ ବଦଳି କରିବା ଦ୍ୱାରା ଯଥେଷ୍ଟ ପାଉଣ୍ଡ୍ ମିଳିଯିବ। ନାଜିର୍ ବୈତୁଲ୍ ମାଲ୍ ମଧ୍ୟ ଏପରି ଲେଖିଲେ । କିନ୍ତୁ ଏତଦ୍‌ପରେ ଯେତେବେଳେ ଆପଣ ର.ଅ ଘରକୁ ଆସିଲେ ଏବଂ ଉକ୍ତ ଆହ୍ୱାନକୁ ଲିଖିତ ରୂପ ପ୍ରଦାନ କଲେ ସେତେବେଳେ ଆପଣ  ର.ଅ 14, 15 ହଜାର ଲେଖିବା ପରିବର୍ତ୍ତେ 30 ହଜାର ଟଙ୍କା ଲେଖିଦେଲେ । ଆପଣ ର.ଅ ପ୍ରଥମେ ଏହା କହିଥିଲେ କି ରଣ ପ୍ରେରଣ କରନ୍ତୁ । ସୁତରାଂ ଆପଣ ରଣ ଶବ୍ଦ ବଦଳରେ ଚାନ୍ଦା ଶବ୍ଦ ଲେଖିଦେଲେ ।

ହୁଜୁର ର.ଅ କହୁଥିଲେ ଯେ, ଆପେଆପେ ଏପରି ହୋଇଗଲା । ଏହି ଆହ୍ୱାନ ଲେଖ ସେହି ଦିନ ଅସର୍ ନମାଜ୍ ସମୟରେ ନାଜିର୍ ବୈତୁଲ୍ ମାଲ୍‌କୁ ଉକ୍ତ ପତ୍ର ଦେଇ ଦେଲେ ଓ ଆପଣ ର.ଅ ତାଙ୍କୁ କହିଲେ, ଏଥି ନିମନ୍ତେ ମଗ୍‌ରିବ୍  ନାମଜ ପରେ ଲୋକମାନଙ୍କୁ ଏକତ୍ରିତ କରାଯାଉ । ମସ୍‌ଜିଦ୍ ମୁବାରକରେ ଅର୍ଥ ମିଳିବାର ସମ୍ଭାବନା ଖୁବ୍ କମ୍ ଥିଲା ଏବଂ ଘୋଷଣା କରିବାର ସମୟ ମଧ୍ୟ ଖୁବ୍ କମ୍ ଥିଲା। କିନ୍ତୁ ତଥାପି ହୁଜୁର ର.ଅଙ୍କ ଏହି ପ୍ରଥମ ଆହ୍ୱାନ (ତେହ୍‌ରିକ୍) ଯୋଗୁଁ 6,000/- ଟଙ୍କା ଚାନ୍ଦା ଏକତ୍ରିତ ହୋଇଗଲା । ଦ୍ୱିତୀୟ ଦିନ ମହିଳାମାନଙ୍କୁ ଆହ୍ୱାନ ଦିଆଗଲା। ସେହି ଦିନ ମସଜିଦ୍ ଅକ୍‌ସାରେ ପୁନଃ ଏବଂ ପରିଶେଷରେ 9 ଜାନୁୟାରୀ 1920 ମସିହା ଶୁକ୍ରବାର ଦିନ ଖୁତ୍‌ବା ଜୁମାରେ ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରାଗଲା । ଜାନୁୟାରୀ ମାସ 10, 11 ତାରିଖ ପର୍ଯ୍ୟନ୍ତ କେବଳ କାଦିୟାନ୍‌ରୁ 12,000/-ଟଙ୍କା ଚାନ୍ଦା ଆସି ପହଞ୍ଚିଗଲା । ଏହି ଦରିଦ୍ର ଜମାଅତ୍ ଅର୍ଥାତ୍ କାଦିୟାନ୍‌ବାସୀମାନେ ମହାନ ବିଳିଦାନ ଦେଇ ଚାନ୍ଦା ଏକତ୍ରିତ କରିଦେଲେ ।

ହୁଜୁର ର.ଅ କହିଲେ,ଏହି ଦରିଦ୍ର ଜମାଅତ୍‌ରୁ ହିଁ ଏତେ ପରିମାଣର ଚାନ୍ଦା ଆଦାୟ ହେବା ବିଶେଷ କରି ଏହା ଐଶୀ ସାହାଯ୍ୟ ଏବଂ ସମର୍ଥନ ବ୍ୟତୀତ କଦାପି ସମ୍ଭବପର ନଥିଲା । ମୁଁ ଭାବୁଛି ଯେ, ଅଲ୍ଲାଃତାଲାଙ୍କ ବିଶେଷ କୃପା ବର୍ତ୍ତମାନ ଚାନ୍ଦା ସହିତ ସାମିଲ ଅଟେ । ଆପଣ ର.ଅ କହିଲେ, "ଲୋକମାନଙ୍କର ଉତ୍ସାହ ଅତୀବ ଦର୍ଶନୀୟ ଥିଲା । ଏହି ଉତ୍ସାହର ଆକଳନ ସେହି ଲୋକମାନେ କରିପାରିବେ ଯେଉଁମାନେ ଉକ୍ତ ଦୃଶ୍ୟକୁ ସ୍ୱଚକ୍ଷୁରେ ଅବଲୋକନ କରିଥିବେ । ସମସ୍ତ ମହିଳା ପୁରୁଷମାନେ ଅପୂର୍ବ ଐଶୀ ନିଶାରେ ଅର୍ଥାତ୍ ଖଲିଫାଙ୍କ ଆହ୍ୱାନ ଯୋଗୁଁ ନିଶାସକ୍ତ ହୋଇ ଉତ୍ସାହପୂର୍ବକ ବଳିଦାନରେ ଆସକ୍ତ ହୋଇ ଚାନ୍ଦା ଦେଇଥିଲେ । ଜଣେ ପରିଶ୍ରମୀ ଗରିବ ଲୋକର ଏକ ଛୋଟ ବାଳକ ଥିଲା । ସେ କହିଲା, ମୁଁ 13.50 ପଇସା ଏକତ୍ରିତ କରିଛି । ସେହି କାଳରେ 13.50 ପଇସାର କୌଣସି ମୂଲ୍ୟ ନଥିଲା । ଯେହେତୁ ପାଉଣ୍ଡ୍‌ର ମୂଲ୍ୟ ହ୍ରାସ ପାଇଥିଲା ତେଣୁ ତଦନୁଯାୟୀ 13.50 ପଇସାର ମଲ୍ୟ ପ୍ରାୟ 1.50 ପାଉଣ୍ଡ୍ ହୋଇଥିବ । ସେ ଯାହା ହେଉ ସେହି ବାଳକ ପିଲାଟି କହିଲା, ମୁଁ 13.50 ପଇସା ଏକତ୍ରିତ କରିଛି ଏବଂ ମୁଁ ଚାନ୍ଦାରେ ଏହି ଟଙ୍କାକୁ ପ୍ରେରଣ କରୁଛି ।"

ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି : "ଏହା ଜଣା ନାହିଁ ଯେ, ସେହି ବାଳକ କେଉଁ ଆଶା ଏବଂ ଉଦ୍ଦେଶ୍ୟ ରଖି ସେହି ଟଙ୍କା ଏକତ୍ରିତ କରିଥିବ । କିନ୍ତୁ ଧାର୍ମିକ ଉତ୍ସାହ ଈଶ୍ୱରଙ୍କ ମାର୍ଗରେ ସେହି 13.50 ପଇସା ସହିତ ଆଶାବାଦୀ ହୋଇ ବଳିଦାନ ଦେଇଦେଲା ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ବଳିଦାନରେ ଅସଂଖ୍ୟ ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇଲା । ପୁନଶ୍ଚ ଏତଦ୍‌ପରେ ଆପଣ ଗୁରଦାସ୍‌ପୁର ଜିଲ୍ଲା ବାହାରେ ଲାହୋର୍ ଆଦି ଜିଲ୍ଲାରେ ଲୋକମାନଙ୍କୁ ତେହରିକ୍ (ଆହ୍ୱାନ) ଦେଲେ ଓ ଘୋଷଣା କଲେ । ଆପଣ ର.ଅ ଏହା ଭାବୁଥିଲେ ଯେ, ଏହି ତିନୋଟି ଜିଲ୍ଲାରୁ ଅର୍ଥର ଯେଉଁ ଲକ୍ଷ୍ୟ ଥିଲା ତାହା ପୂର୍ଣ୍ଣ ହୋଇଯିବ । ଏତଦ୍‌ପରେ ଆପଣ ର.ଅ କହିଲେ: "ମୁଁ ଏହି ଆଶଙ୍କା କରୁଛି ଯେ, ମୋର ଏହି ତେହ୍‌ରିକ୍ ଯୋଗୁଁ ଅନ୍ୟ ଜମାଅତ୍‌ମାନେ ଆପତ୍ତି ଓ ଅଭିଯୋଗ ନକରନ୍ତୁ । ତେଣୁ ମୁଁ ଏହି ଅର୍ଥରାଶିର ପରିମାଣକୁ ବୃଦ୍ଧି କରିଦେଲି । ଅତଏବ୍ ଉକ୍ତ ଅର୍ଥରାଶିର ପରିମାଣ ବୃଦ୍ଧି ହୋଇ ଏକ ଲକ୍ଷ ପର୍ଯ୍ୟନ୍ତ କିରିଦଆଗଲା । କାରଣ ଲୋକମାନେ ପୁଣ୍ୟ କାର୍ଯ୍ୟରେ କେବଳ ସାମିଲ୍ ହୁଅନ୍ତୁ  ନାହିଁ । ବରଂ ଜଣେ ବ୍ୟକ୍ତି ହ. ମୁସଲେହ୍ ମଉଦ୍ ର.ଅଙ୍କୁ ଏହା ଲେଖିଲା କି ହୁଜୁର୍ ! ଆପଣ ଦୁଆ କରନ୍ତୁ, ମୁଁ ଯେଉଁ ବାଣିଜ୍ୟ ବ୍ୟବସାୟ କରୁଛି ସେହି ବାଣିଜ୍ୟ ବ୍ୟବସାୟରେ ଅଲ୍ଲାଃତାଲା ମୋର ଉଦ୍ଦେଶ୍ୟରେ ମୋତେ ସାଫଲ୍ୟମଣ୍ଡିତ କରନ୍ତୁ । **ଆମିନ୍** । ସେହି ବ୍ୟକ୍ତି ଜଣକ କହିଲା କି ହୁଜୁର ! ମୁଁ ବିଲାତରେ ଯେଉଁ ଅହେମଦିୟା ମସଜିଦ୍ ନିର୍ମାଣ କରାଉଛି ଏବଂ ସେହି ମସ୍‌ଜିଦ୍ ନିର୍ମାଣରେ ଯେଉଁ ଅର୍ଥ ଖର୍ଚ୍ଚ ହେବ ସେହି ସମସ୍ତ ଖର୍ଚ୍ଚ ମୁଁ  ସ୍ୱୟଂ ବହନ କରିବି । ହ. ଖଲିଫତୁଲ୍ ମସିହ୍ ର.ଅ ସେହି ବ୍ୟକ୍ତିକୁ ପତ୍ର ଲେଖି କହିଲେ, ମୁଁ ଏଥି ନିମନ୍ତେ ତୁମକୁ ଅନୁମତି ପ୍ରଦାନ କରିବ ନାହିଁ । କାରଣ ମୁଁ କୌଣସି ବ୍ୟକ୍ତିକୁ ପୁଣ୍ୟରୁ ବଞ୍ଚିତ କରିବାକୁ ଚାହୁଁ ନଥିଲି । ସେ ଯାହା ହେଉ ଉକ୍ତ ଅର୍ଥ ଏକତ୍ରିତ ହେବା ଆରମ୍ଭ ହେଲା। ଉକ୍ତ ଅର୍ଥ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ମାଧ୍ୟମରେ ଇଂଲଣ୍ଡ୍ ପ୍ରେରଣ କରାଗଲା । ଉକ୍ତ ଅର୍ଥ 3,468 ପାଉଣ୍ଡ ହେଉଥିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣମାନେ ତହିଁରୁ ଏହା ଆକଳନ କରି ନିଅନ୍ତୁ ଆଜିର ପରିସ୍ଥିତି ଏବଂ ସେତେବେଳର ପରିସ୍ଥିତି ! ଉପରୋକ୍ତ ପାଉଣ୍ଡ୍‌କୁ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ "  ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ଅର୍ଥାତ୍ 3,464/- ପାଉଣ୍ଡକୁ ଟଙ୍କାରେ ପ୍ରକାଶ କଲେ ପାଉଣ୍ଡର ହାରାହାରି ମୂଲ୍ୟ 52,000/- ଟଙ୍କା ହେବ । ଗୋଟିଏ ସପ୍ତାହ ମଧ୍ୟ ଉକ୍ତ ଅର୍ଥ ଏକତ୍ରିତ ହୋଇଗଲା। ପୁନଶ୍ଚ ପରବର୍ତ୍ତୀ ସମୟରେ ଅତିରିକ୍ତ ଅର୍ଥ ମଧ୍ୟ ପ୍ରେରଣ କରାଗଲା । ଏହିପରି ଭାବରେ ସେହି ସମୟ ଓ ସେହି ଦିନମାନଙ୍କରେ ପାଉଣ୍ଡର ମୂଲ୍ୟ ପୁନଃ ହ୍ରାସ ପାଇଲା । ଫଳତଃ ସ୍ୱଳ୍ପ ଟଙ୍କାରେ ଅଧିକ ପାଉଣ୍ଡ ମିଳିଗଲା । ଅର୍ଥାତ୍ ପାଉଣ୍ଡର ମୂଲ୍ୟ 15ରୁ 6 ପାଉଣ୍ଡକୁ ଖସି ଆସିଲା । ହୁଜୁର ଅନ୍ୱର୍ ଅ.ବ କହିଲେ, (ଖଲିଫା ଖାମିସ୍) ସେ ଯାହା ହେଉ ସେହି ମସ୍‌ଜିଦ୍‌ର ନିର୍ମାଣ ଏବଂ ଭିତ୍ତିପ୍ରସ୍ତର ଯେପରିକି ମୁଁ ପୂର୍ବେ ଚର୍ଚ୍ଚା କରିଥିଲି ଯେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଆଗମନ ତଥା ତେହରିକ୍ (ଆହ୍ୱାନ) ଦ୍ୱାରା ଏଠାରେ ମସ୍‌ଜିଦ୍ ନିର୍ମାଣ ହୋଇଥିଲା ।

ଅକ୍ଟୋବର ମାସ 19 ତାରିଖ 1924 ମସିହା ରବିବାର ଦିନ ଉକ୍ତ ମସ୍‌ଜିଦ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା । ସେତେବେଳର ଇତିହାସରେ ଉଲ୍ଲେଖ ରହିଛି ଯେ, 18 ଅକ୍ଟୋବର 1924 ଦୈନିକ ଖବର କାଗଜରେ ମସ୍‌ଜିଦ୍‌ର ମୂଳଦୁଆ ସ୍ଥାପନର ତାରିଖ ଉଲ୍ଲେଖ କରିଥିଲା ଯେ, ଅକ୍ଟୋବର ମାସ 19 ତାରିଖ ଦିନ ଶୀତଋତୁରେ ଏହି ଭବିଷ୍ୟବାଣୀ ଥିଲା ଯେ, ଆଜି ଭଲ ଓ ଶୃଙ୍ଖଳା ରହିବ ଏବଂ ସୂର୍ଯ୍ୟୋଦୟ ହେବ । କିନ୍ତୁ ଅଲ୍ଲାଃତାଲା ଏହି ଭବିଷ୍ୟବାଣୀକୁ ଭୁଲ୍ ବୋଲି ପ୍ରମାଣିତ କରିଦେଲେ ଏବଂ ଅଲ୍ଲାଃତାଲା ନିଜ ଅସ୍ତିତ୍ୱର ଏକ ଜ୍ୱଳନ୍ତ ପ୍ରମାଣ ଦେଲେ ଏବଂ ସକାଳୁ ବର୍ଷା ଆରମ୍ଭ ହୋଇଗଲା । ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ସମକ୍ଷରେ ଯେତେବେଳେ ଉକ୍ତ ପ୍ରସଙ୍ଗଟି ଉପସ୍ଥାପିତ ହେଲା ସେତେବେଳେ ଆପଣ ର.ଅ କହିଲେ, ବିବ୍ରତ ହେବାର କୌଣସି ଆବଶ୍ୟକତା ନାହିଁ । ଭଲ ହେଲା । ଏପରି ପରିସ୍ଥିତିରେ ଯେଉଁ ଲୋକମାନେ ଶୁଭୋଦ୍‌ଘାଟନ ନିମନ୍ତେ ଏଠାକୁ ଆସିବେ ସେମାନେ ନିଷ୍ଠାପୂର୍ବକ ମନୋଭାବ ପୋଷଣ କରି ଏଠାକୁ ଆସିବେ । କାଲି ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି । ଦେଖାଯାଉ ବର୍ତ୍ତମାନ ଭବିଷ୍ୟବାଣୀ ପୂର୍ଣ୍ଣ ହେଉଛି ଅବା ନୁହେଁ । ସେ ଯାହା ହେଉ ଆପଣ ର.ଅ କହିଲେ, ଯେଉଁ ଲୋକମାନେ ଆସିବେ ସେମାନେ ନିଷ୍ଠାମୂଳକ ଉଦ୍ଦେଶ୍ୟ ରଖି ଏଠାକୁ ଆସିବେ। **ଇନ୍‌ଶାଅଲ୍ଲାଃ** ଉକ୍ତ ଉତ୍ସବଟି ସାଫଲ୍ୟମଣ୍ଡିତ ହେବ । ଛୋଟ ଛୋଟ ଶିବିର ଅର୍ଥାତ୍ ମାର୍କି ସ୍ଥାପନ କରାଯାଇଛି । କାରଣ ଲୋକମାନେ ନିର୍ଦ୍ଧାରିତ ସ୍ଥାନରେ ବସି କାର୍ଯ୍ୟକ୍ରମ ଶୁଣି ପାରନ୍ତୁ ଓ ଦେଖି ପାରନ୍ତୁ । ବିଭିନ୍ନ ଲୋକମାନଙ୍କୁ ନିମନ୍ତ୍ରଣ କାର୍ଡ଼ ପ୍ରେରଣ କରାଯାଇଥିଲା । ସଂସଦର ସଦସ୍ୟମାନେ ଥିଲେ, ନେତାମାନେ ଥିଲେ, ରାଜନୈତିକ ନେତୃବୃନ୍ଦମାନେ ରହିଥିଲେ ଏବଂ ଅମଲାମାନେ ମଧ୍ୟ ରହିଥିଲେ । ବିଭିନ୍ନ ପ୍ରକାରର ଲୋକମାନେ ଉକ୍ତ ଉଦଘାଟନୀ ସମାରୋହରେ ସାମିଲ୍ ଥିଲେ। ସ୍ୱଳ୍ପ ସମୟ ଥିଲା ଏବଂ ଆଶା କରାଯାଉଥିଲା କି ବହୁତ କମ୍ ଲୋକ ଆସିବେ । କିନ୍ତୁ ତଥାପି ଅଧିକ ସଂଖ୍ୟକ ଅତିଥିମାନେ ଆସିଗଲେ । ବିଭିନ୍ନ ଦେଶର ଜନ ପ୍ରତିନିଧିମାନେ ସାମିଲେ ହେଲେ ଏବଂ ଉତ୍ସବ ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ହେଲା । ଏହି ଉତ୍ସବ ସମରେ ଯେଉଁଠି ଭିତ୍ତି ପ୍ରସ୍ତର ସ୍ଥାପନ କରିବାର ଥିଲା ହ. ଖଲିଫତୁଲ୍ ମସିହ୍ ସାନି ର.ଅ ସେଠାରେ ଛିଡ଼ା ହେଲେ ଏବଂ ହ. ହାଫିଜ୍ ରୌଶନ୍ ଅଲୀ ର.ଅ ଦୁଇଟି ସୁରାଃ **ଅଲ୍ ଲୈଲି** ଓ **ଅଲ୍ ଆଲା**ର ତିଲାଓ୍ୱତ୍ (ଆବୃତ୍ତି) କଲେ। ଏତଦ୍‌ପରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଉଦ୍‌ବୋଧନ ଦେଲେ । ଆପଣ ର.ଅ କହିଲେ, ଆଜି ଆମେମାନେ ଏମିତି ଏକ ପୁଣ୍ୟ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଏକତ୍ରିତ ହୋଇଛେ ଯାହାକି ନିଜ ଦୃଷ୍ଟିରୁ ସଂପୂର୍ଣ୍ଣ ଭିନ୍ନ ଓ ଅନନ୍ୟ ଅଟେ । ଅର୍ଥାତ୍ ଏପରି ଏକ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ନିମନ୍ତେ ଏକତ୍ରିତ ହୋଇଛେ ଯାହାକି କେବଳ ସେହି ଅସ୍ତିତ୍ୱକୁ ସ୍ମରଣ କରିବା ଏବଂ ତାହାଙ୍କ ସମକ୍ଷରେ ନିଜର ଭାକ୍ତିକତାର ପରିପ୍ରକାଶ କରିବା ନିମନ୍ତେ ଉକ୍ତ ଭବନଟି ନିର୍ମାଣ କରାଯାଇଛି । ସେହି ପରମେଶ୍ୱର ହିଁ ସକଳ ଜଗତର ସ୍ରଷ୍ଟା ଅଟନ୍ତି ।

ସେ ପଛେ ଯେକୌଣସି ଦେଶର ଅଧିବାସୀ ହୁଅନ୍ତି ଏବଂ ଯେକୌଣସି ରାଷ୍ଟ୍ରର ସରକାରଙ୍କ ଅଧୀନରେ ବାସ କରନ୍ତୁ ପଛେ ଅବା ଯେକୌଣସି ଭାଷାରେ କଥାବାର୍ତ୍ତା କରନ୍ତୁ ପଛେ ସେଠାକୁ ଯାଇ ସମସ୍ତେ ଏକ ହୋଇ ଯାଆନ୍ତି । ସେହି ସତ୍ତା ହିଁ କେନ୍ଦ୍ର ବିନ୍ଦୁ ଅଟନ୍ତି ଯାହାଙ୍କ ସମ୍ମୁଖରେ ସକଳ ମାନବ ଜାତି ଛୋଟ, ବଡ଼, କଳା ଧଳା (ବର୍ଣ୍ଣ ବୈଷମ୍ୟଗତ ପାର୍ଥକ୍ୟତା), ପୂର୍ବ ଓ ପଶ୍ଚିମର ପ୍ରଶ୍ନ ହିଁ ଉଠୁ ନାହିଁ। କାରଣ ଯେମିତି ଯେମିତି ଭକ୍ତ ସେହି ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୁଏ ସେମିତି ସେମିତି ମତଭେଦ ସବୁ ଦୂରୀଭୂତ ହୋଇଯାଇଥାଏ ଏବଂ ଏକତା ବୃଦ୍ଧି ପାଇଥାଏ । ଅତଏବ୍ ଯେଉଁ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ନିମନ୍ତେ ଆମେମାନେ ଆଜି ଏଠାରେ ଏକତ୍ରିତ ହୋଇଛେ ତାହା ଏକତା ଓ ସଂହତିର ଏକ ଜ୍ୱଳନ୍ତ ନିଦର୍ଶନ ଅଟେ । ଏହି ମସ୍‌ଜିଦ୍‌ଟି ନିଜର ଅସ୍ତିତ୍ୱ ମାଧ୍ୟମରେ ସେହି ପ୍ରସଙ୍ଗ ଆଡ଼କୁ ଆମମାନଙ୍କର ଧ୍ୟାନ ଆକର୍ଷଣ କରୁଛି ଯେ, ଆମମାନଙ୍କୁ ତାହାଙ୍କ ନିକଟକୁ ଫେରିବାକୁ ହେବ । ଅର୍ଥାତ୍ ସେହି ଆଦି ଓ ସେ ହିଁ ଅନ୍ତ ।

ସୁତରାଂ ପରସ୍ପର ମଧ୍ୟରେ ମତଭେତଦ ଯୋଗୁଁ ଆମମାନଙ୍କୁ କଳହ ଓ ଉପଦ୍ରବ କରିବା ଉଚିତ୍ ନୁହଁ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହା ମଧ୍ୟ କହିଛନ୍ତି ଯେ, ମତପାର୍ଥକ୍ୟ ତ' ସର୍ବଦା ଲାଗି ରହିଥାଏ ଏବଂ ଏହି ସଂସାରରେ ମତଭେଦ ଓ ମତପାର୍ଥକ୍ୟ ସୃଷ୍ଟି ହେବା ଏପରି କିଛି ନୂଆ କଥା ନୁହେଁ । ଯଦି ମତଭେଦ ନହୁଏ ତାହାହାଲେ ଖୁବ୍ ଭଲ କଥା । ବରଂ ଆଁହଜରତ ସ.ଅ କହିଲେ, ମତଭେଦ ଦୟାର ନିଦର୍ଶନ ହୋଇଥାଏ । ମତଭେଦ କିଛି କ୍ଷତି ପହଞ୍ଚାଏ ନାହିଁ । କିନ୍ତୁ ଖରାପ ଜିନିଷ ଓ ଖରାପ କଥାକୁ ଆଦୌ ବର୍ଦାସ୍ତ କାରଯାଇ ପାରିବ ନାହିଁ କି ପ୍ରଶ୍ରୟ ଦିଆଯାଇ ପାରିବ ନାହିଁ । ଯଦି ମନୋମାଳିନ୍ୟ ଘଟେ, ମତଭେଦ ବା ମତପାର୍ଥକ୍ୟ ସୃଷ୍ଟି ହୁଏ ଏବଂ ତାହା ଯଦି ସହ୍ୟ ନହୁଏ । ଅର୍ଥାତ୍ ମତଭେଦର ସୀମା ଲଂଘନ ଯଦି କୌଣସି ବ୍ୟକ୍ତି କରେ ତେବେ ଏହା ଅପ୍ରାସଙ୍ଗିକ ପ୍ରସଙ୍ଗ ଅଟେ ଅର୍ଥାତ୍ ସମୀଚୀନ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ଏହା ଚାହିଁଥାଏ ଯେ, ମୁଁ ଯାହା କହୁଛି ମୋ କଥାକୁ ସମସ୍ତେ ସ୍ୱୀକାର କରନ୍ତୁ ଏବଂ ସମସ୍ତେ ସମ୍ମତି ପ୍ରକାଶ କରନ୍ତୁ । ମୋ କଥା ସହିତ କେହି ବି ମତପାର୍ଥକ୍ୟ ସୃଷ୍ଟି କରନ୍ତୁ ନାହିଁ । ସମସ୍ତେ କେବଳ ସହମତି ଏବଂ ସମ୍ମତି ପ୍ରକାଶ କରନ୍ତୁ । ତେଣୁ ଏପରି ହେବା ଉଚିତ୍ ନୁହଁ । ମତଭେଦରେ ମଧ୍ୟ ଉନ୍ନତିର ନିଦର୍ଶନ ନିହିତ ରହିଥାଏ । ମନୁଷ୍ୟ ମଧ୍ୟରେ ଯଦି ଏହି ବସ୍ତୁ ସୃଷ୍ଟି ହୋଇଯାଏ ତେବେ ସଫଳତା ଖୁବ୍ ନିକଟବର୍ତ୍ତୀ ହୋଇଥାଏ । ଅର୍ଥାତ୍ ସାଫଲ୍ୟ ମଣ୍ଡିତ ହେବା ଅବଶ୍ୟାମ୍ଭୀ ।" ଆପଣ ର.ଅ ପୁନଶ୍ଚ ଏହା ମଧ୍ୟ କହିଲେ, "ସହିଷ୍ଣୁତା ଶକ୍ତି ମନୁଷ୍ୟ ମଧ୍ୟରେ ସୃଷ୍ଟି ହେବା ଉଚିତ୍ । ଲୋକମାନେ କୁହନ୍ତି ଯେ, ମତଭେଦ ଏକ ନିନ୍ଦନୀୟ ଓ ମନ୍ଦ ପ୍ରସଙ୍ଗ ଅଟେ । ଯଦି ମତଭେଦ ମନ୍ଦ ପ୍ରସଙ୍ଗ ଅଟେ ତେବେ ସହ୍ୟ କରିବାର କ'ଣ ଅର୍ଥ ରହିଛି ? ସହିଷ୍ଣୁତା ଭାବ ସେହି ସମୟରେ ହେବ ଯେତେବେଳେ ମତଭେଦ ସୃଷ୍ଟି ହୋଇଥାଏ । ତେଣୁ ସେହି ସମୟରେ ମନୁଷ୍ୟକୁ ମତଭେଦକୁ ସହ୍ୟ କରିବା ଉଚିତ୍ ଓ ମନ୍ଦ ଉପାୟରେ ଅନ୍ୟ କୌଣସି ବ୍ୟକ୍ତିକୁ କ୍ଷତି ପହଞ୍ଚାଇବାକୁ ଉଦ୍ୟମ ନକରୁ । ଅତଏବ୍ ଉକ୍ତ କଥାକୁ ସର୍ବଦା ସ୍ମରଣ ରଖିବା ଉଚିତ୍ ।"

ଆପଣ ର.ଅ କହିଲେ, ଅତଏବ୍ ସଂସାରକୁ ଯେଉଁ ଜିନିଷର ଆବଶ୍ୟକତା ରହିଛି ତାହା ସହିଷ୍ଣୁତା ଅଟେ । ଅର୍ଥାତ୍ ଲୋକମାନେ ପରସ୍ପରର ଆସ୍ଥା ଏବଂ ବିଶ୍ୱାସର ନୀତି ନିୟମ, କର୍ମକାଣ୍ଡ ସହିତ ମତପାର୍ଥକ୍ୟ ରଖି ପରସ୍ପର ସହିତ ପ୍ରେମର ସହିତ ରୁହନ୍ତୁ । ନିଃସନ୍ଦେହ ରୂପେ ପ୍ରତ୍ୟେକ ବ୍ୟକ୍ତିର ଏହି ଅଧିକାର ରହିଛି ଯେ, ସେ ଯେଉଁ ପ୍ରସଙ୍ଗକୁ ଉଚିତ୍ ଏବଂ ଉତ୍ତମ ବୋଲି ମନେ କରୁଛି ସେହି ପ୍ରସଙ୍ଗ ଆଡ଼କୁ ଅନ୍ୟମାନଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରୁ । କାରଣ ତବ୍‌ଲିଗ୍ ବ୍ୟତୀରେକ ଜ୍ଞାନ ଉନ୍ନତି କରି ପାରିବ ନାହିଁ । କିନ୍ତୁ ଯେଉଁ ପ୍ରସଙ୍ଗର କୌଣସି ବ୍ୟକ୍ତିକୁ ଅଧିକାର ନାହିଁ ତାହା ଏହିକି ଯେ, ବ୍ୟକ୍ତି ଅନ୍ୟ ବ୍ୟକ୍ତିର ହୃଦୟକୁ ପରିବର୍ତ୍ତନ କରିବା ପୂର୍ବରୁ ପ୍ରଥମେ ନିଜର ଭାଷା, ତୁଣ୍ଡ ଓ ନିଜର କର୍ମ ଏବଂ ଆଚାର ବ୍ୟବହାରରେ ପରିବର୍ତ୍ତନ କରିବା ବିଧେୟ । ସେହିପରି କେତେକ ପ୍ରସଙ୍ଗରେ ବ୍ୟକ୍ତି ସହିତ ମତଭେଦ ରଖିବା ହେତୁ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ କଷ୍ଟ ଦେବାକୁ ଉଦ୍ୟମ କିରଥାଏ । ଜୋର ଜବରଦସ୍ତ କରିବା, ଭାଷା ଓ କର୍ମକୁ ପରିବର୍ତ୍ତନ କରିବା ଅନ୍ୟ ଏକ ପ୍ରସଙ୍ଗ ଅଟେ । ତେଣୁ ହୃଦୟକୁ ପରିବର୍ତ୍ତନ କରିବା ଉଚିତ୍ । ଯଦି କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତି ସହିତ ଜୋରଜବରଦସ୍ତ କରିଛନ୍ତି ତେବେ ଏହା ଭୁଲ୍ କାର୍ଯ୍ୟ ଅଟେ ।"

ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଏହା ମଧ୍ୟ କହିଲେ, ଯେ, ମସ୍‌ଜିଦ୍ ଏପରି ଅମ୍ନା ସୃଷ୍ଟି କରିବା ନିମନ୍ତେ ନିର୍ମାଣ କରାଯାଇଥାଏ ଓ ଇସ୍‌ଲାମ୍ ଧର୍ମ ମସଜିଦର ନାମ ବୈତୁଲ୍ଲାଃ ବୋଲି ଅଭିହିତ କରିଛି । ଅର୍ଥାତ୍ ଏପରି ଏକ ଗୃହ ଯହିଁରେ ମନୁଷ୍ୟକୁ କୌଣସି ଅଧିକାର ନାହିଁ ଯେ, ସେ ପରସ୍ପର ସହିତ ମତଭେଦ ତଥା ମନୋମାଳିନ୍ୟ ଯୋଗୁଁ ମସ୍‌ଜିଦ୍‌ରୁ ଅନ୍ୟ ବ୍ୟକ୍ତିକୁ କାଢି ପାରିବ କିମ୍ବା ଅନ୍ୟ ବ୍ୟକ୍ତିକୁ କଷ୍ଟ ଦେଇ ପାରିବ । କାରଣ ମସ୍‌ଜିଦ୍ କୌଣସି ମନୁଷ୍ୟର ବାସଗୃହ ନୁହେଁ ବରଂ ଏହା ଈଶ୍ୱରଙ୍କ ଗୃହ ତଥା ନିବାସ ଅଟେ । ଯେଉଁ ବ୍ୟକ୍ତି ମସ୍‌ଜିଦ୍‌ର ଶତ୍ରୁ ସେ ଈଶ୍ୱରଙ୍କ ମଧ୍ୟ ଶତ୍ରୁ। ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା କୁହନ୍ତି: وَمَنْ اَظْلَمُ مِمَّنْ مَّنَعَ مَسٰجِدَ اللّٰهِ اَنْ يُّذْكَرَ فِيْهَا اسْمُهٗ **(ଅଲ୍ ବକ୍ରାହ୍: 115)**ଏବଂ ତା' ଠାରୁ ଅଧିକ ଅତ୍ୟାଚାରୀ ଏବଂ ନିର୍ଦ୍ଦୟୀ ବ୍ୟକ୍ତି ଆଉ କିଏ ବା ହୋଇପାରେ ଯିଏ ଅଲ୍ଲାଃତାଲାଙ୍କ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ମସ୍‌ଜିଦମାନଙ୍କରେ ତାହାଙ୍କର ନାମୋଚ୍ଚାରଣ କରାଯିବାରେ ଲୋକମାନଙ୍କୁ ବାଧା ଦିଏ ଓ ସେଗୁଡ଼ିକୁ ଧ୍ୱଂସ କରିବାକୁ ଚେଷ୍ଟା କରେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିପରି ଅନ୍ୟାୟ ଓ ଅତ୍ୟାଚାର ଆଜିକାଲି ପାକିସ୍ତାନର ମୌଲବୀମାନେ ଇସ୍‌ଲାମ୍ ଧର୍ମ ନାଁରେ ଭଣ୍ଡାମୀ କରୁଛନ୍ତି । ସେ ଯାହେ ହେଉ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇତିହାସରୁ ଏକଥା ସାବ୍ୟସ୍ତ ଯେ, ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଏକଦା ୟମନ୍‌ର ଖ୍ରୀଷ୍ଟିଆନ୍‌ମାନଙ୍କର ଏକ ପ୍ରତିନିଧିଦଳ ଉପସ୍ଥିତ ହେଲା । ଆପଣ ସ.ଅଙ୍କ ସହିତ ସେହି ପ୍ରତିନିଧି ଦଳ କଥାବାର୍ତ୍ତା କରୁଥିଲା କି ସେମାନଙ୍କ ନମାଜ୍‌ର ସମୟ ହୋଇଗଲା । ସେମାନେ ଆପଣ ସ.ଅଙ୍କ ଠାରୁ ଅନୁମତି ଲୋଡ଼ିଲେ ଯେ, ସେମାନେ ବାହାରେ ଯାଇ ନମାଜ ପଢିବେ । ରୁସୁଲୁଲ୍ଲାଃ ସ.ଅ କହିଲେ, ବାହାରେ ଯାଇ ନମାଜ ପାଠ କରିବାର ଆବଶ୍ୟକତା ନାହିଁ । ଆମ ମସ୍‌ଜିଦ୍‌ରେ ହିଁ ଆପଣମାନେ ନମାଜ ପାଠ କରି ନିଅନ୍ତୁ ।

ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଓ ରସୁଲ୍ କରୀମ୍ ସ.ଅଙ୍କ କର୍ମ ଦ୍ୱାରା ଏହା ସିଦ୍ଧ ଯେ, ଇସ୍‌ଲାମୀୟ ମସ୍‌ଜିଦଗୁଡ଼ିକର ଦ୍ୱାର ପ୍ରତ୍ୟେକ ସେହି ବ୍ୟକ୍ତି ନିମନ୍ତେ ଉନ୍ମୁକ୍ତ (ଖୋଲା) ରହିଛି ଯିଏ ଅଲ୍ଲାଃତାଲାଙ୍କର ଉପାସନା କରିବାକୁ ଇଚ୍ଛା ପ୍ରକାଶ କରେ ଓ ଇସ୍‌ଲାମୀୟ ମସ୍‌ଜିଦ୍ ବିଭିନ୍ନ ଧର୍ମବଲମ୍ବୀମାନଙ୍କୁ ଏକତ୍ରିତ କରିବାର କେନ୍ଦ୍ରବିନ୍ଦୁ ଅଟେ । ଆପଣ ର.ଅ ପୁନଶ୍ଚ ଏହା ମଧ୍ୟ କହିଛନ୍ତି ଯେ, ଏହି ମନୋଭାବ ତଥା ଆତ୍ମା ରଖି ଏବଂ ଏହି ଉତ୍ସାହ ରଖି ମୁଁ (ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ସାନି ର.ଅ) ଜମାଅତ୍ ଅହେମଦିୟାର ଉକ୍ତ ମସ୍‌ଜିଦ୍‌ର ନିର୍ମାଣର ସଂକଳ୍ପ କରିଅଛି । ମୁଁ ଉକ୍ତ ମସ୍‌ଜିଦ୍‌ର ଶୁଭୋଦ୍‌ଘାଟନ କରୁଅଛି ଏବଂ ଆଜି ମୁଁ ଉକ୍ତ ମସ୍‌ଜିଦ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ କରିବି ଏହା ପୂର୍ବରୁ ମୁଁ ଏହି ଘୋଷଣା କରିଦେବାକୁ ଚାହୁଁଛି ଯେ, ମସଜିଦ୍ କେବଳ ଓ କେବଳ ଈଶ୍ୱରଙ୍କ ଉପାସନା ନିମନ୍ତେ ନିର୍ମାଣ କରାଯାଇଥାଏ। କାରଣ ସଂସାରରେ ଈଶ୍ୱରଙ୍କ ପ୍ରେମ ସ୍ଥାପିତ ହେଉ ଓ ଲୋକମାନେ ଧର୍ମ ପ୍ରତି ଆକୃଷ୍ଟ ହୁଅନ୍ତୁ । ମସ୍‌ଜିଦ୍ ଏବଂ ପ୍ରେମ ତଥା ଆନ୍ତରୀକତା ବ୍ୟତୀରେକ ପ୍ରକୃତ ଶାନ୍ତି ଓ ଉନ୍ନତି ଜଗତରେ ସ୍ଥାପିତ ହୋଇ ପାରିବ ନାହିଁ । ଯେଉଁ ବ୍ୟକ୍ତି ଉକ୍ତ ମସ୍‌ଜିଦ୍‌ରେ ଉପାସନା କରିବାକୁ ଚାହୁଁଛି ଆମେମାନେ କଦାପି ସେହି ବ୍ୟକ୍ତିକୁ ଉପାସନା କରିବାରୁ ଅଟକାଇବୁ ନାହିଁ । କିନ୍ତୁ ସେହି ବ୍ୟକ୍ତି ସେହି ନିୟମାବଳୀକୁ ପାଳନ କରୁ ଯାହାକି ଏହି ଶୃଙ୍ଖଳିତ ବ୍ୟବସ୍ଥା ନିମନ୍ତେ ନିର୍ଦ୍ଧାରିତ ଅଟନ୍ତି । ସେହିପରି ଏହି ସର୍ତ୍ତ ମଧ୍ୟ ରହିଛି ଯେ, ବ୍ୟକ୍ତି ଅନ୍ୟ ଲୋକମାନଙ୍କ ଉପାସନାରେ ବାଧା ସୃଷ୍ଟି ନକରୁ । ଅର୍ଥାତ୍ ଯେଉଁ ଧାର୍ମିକ ଆବଶ୍ୟକତାକୁ ପରିପୂରଣ କରିବା ନିମନ୍ତେ ଉକ୍ତ ମସ୍‌ଜିଦ୍ ସ୍ଥାପିତ ହୋଇଛି ସେହି ସମସ୍ତ ଆବଶ୍ୟକତାକୁ ପରିପୂରଣ କରିବା ଉଚିତ୍। କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିର ଉପାସନାରେ ବାଧା ସୃଷ୍ଟି ନକରୁ । ମୁଁ ଏହି ବିଶ୍ୱାସ ରଖୁଛି ଯେ, ଏହି ସହନଶୀଳତା ତଥା ସହିଷ୍ଣୁତା ଭାବର ଆତ୍ମା ଉକ୍ତ ମସ୍‌ଜିଦ୍ ମାଧ୍ୟମରେ ସୃଷ୍ଟି କରାଯିବ ସଂସାରରୁ ଉପଦ୍ରବ, ହିଂସା ଏବଂ ବିଦ୍ରୋହକୁ ଦୂର କରିବା ନିମନ୍ତେ ଏବଂ ଶାନ୍ତି ଓ ପ୍ରୀତି ସ୍ଥାପନ କରିବା ନିମନ୍ତେ ସହାୟକ ହେବ । ସେହି ଦିନ ଖୁବ୍ ଶୀଘ୍ର ଆସିଯିବ ଯେତେବେଳେ ଲୋକମାନେ ଯୁଦ୍ଧ ଏବଂ କଳହକୁ ପରିତ୍ୟାଗ କରି ପ୍ରେମ ଓ ଆନ୍ତରୀକତାର ସହିତ ଏକାଠି ବାସ କରିବେ । ସମସ୍ତ ସଂସାର ଉକ୍ତ ପ୍ରସଙ୍ଗକୁ ଅନୁଭବ କରିବ ଯେ, ଯେତେବେଳେ ସମସ୍ତ ମାନବ ଜାତିର ସ୍ରଷ୍ଟା ଏକ ଅଟନ୍ତି ତେବେ ମନୁଷ୍ୟମାନଙ୍କୁ ପାରସ୍ପାରିକ ଭାବରେ ଭାଇ ଏବଂ ଭଉଣୀ ଠାରୁ ବି ଉର୍ଦ୍ଧ୍ୱରେ ରହି ଅଧିକ ପ୍ରେମ ଓ ଅନ୍ତରୀକତାର ସହିତ ରହିବା ଉଚିତ୍ । ମନୁଷ୍ୟ ପରସ୍ପରର ଉନ୍ନତି ଏବଂ ବିକାଶରେ ବାଧା ହେବା ପରିବର୍ତ୍ତେ ପରସ୍ପରର ଉନ୍ନତି କରିବା ଦିଗରେ ସହାୟକ ହେବା ଉଚିତ୍ । କାରଣ କୌଣସି ପିତା ଏହା ଚାହେଁ ନାହିଁ ଯେ, ତା'ର ସନ୍ତାନମାନେ ପରସ୍ପର ମଧ୍ୟରେ କଳି ଝଗଡ଼ା କରନ୍ତୁ । ଠିକ୍ ସେହିପରି ଈଶ୍ୱର ମଧ୍ୟ କେବେ ବି ଏହା ପସନ୍ଦ କରନ୍ତି ନାହିଁ ଯେ, ତାଙ୍କର ପ୍ରାଣୀମାନେ ପରସ୍ପର ମଧ୍ୟରେ କଳହରେ ଲିପ୍ତ ରୁହନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅ ପୁନଶ୍ଚ କହିଲେ, ମନୁଷ୍ୟ ଯେତେବେଳେ ଈଶ୍ୱରଙ୍କ ଠାରୁ ଦୂରେଇ ଯାଏ ସେତେବେଳେ ପରସ୍ପର ମଧ୍ୟରେ ଯୁଦ୍ଧ ହୋଇଥାଏ । ଅତଃ ଜମାଅତ୍ ଅହେମଦିୟାର ସଂସ୍ଥାପକ ହ. ମସିହ୍ ମଉଦ୍ ଅ.ସଙ୍କୁ ଅଲ୍ଲାଃତାଲା ଏହି ଉଦ୍ଦେଶ୍ୟ ରଖି ପ୍ରେରଣ କରିଛନ୍ତି ଯେ, ପାରସ୍ପାରିକ କଳହ, ଯୁଦ୍ଧ ସମାପ୍ତ ହୋଇଯାଉ । ଅଲ୍ଲାଃତାଲାଙ୍କ ଠାରୁ ଦୂରତା ହେବା ଯୋଗୁଁ ଯୁଦ୍ଧ ହୋଇଥାଏ । ତେଣୁ ସମସ୍ତଙ୍କୁ ଏକତ୍ରିତ କରିବା ନିମନ୍ତେ ଅଲ୍ଲାଃତାଲା ଏହି ଯୁଗରେ ହ. ମସିହ୍ ମଉଦ୍ ଅ.ସଙ୍କୁ ଯୁଗାବତାର କରି ପ୍ରେରଣ କରିଛନ୍ତି । କାରଣ ଆପଣ ଅ.ସ ଲୋକମାନଙ୍କୁ ଈଶ୍ୱରଙ୍କ ଆଡ଼କୁ ଆମନ୍ତ୍ରିତ କରନ୍ତୁ ଓ ପରାସ୍ପାରିକ ମତଭେଦକୁ ଦୂର କରି ପରସ୍ପର ମଧ୍ୟରେ ଏକତା, ପ୍ରେମ ଏବଂ ଆନ୍ତରୀକତା ସୃଷ୍ଟି ହେଉ । ସୁତରାଂ ଜମାଅତ୍ ଅହେମଦିୟା ଅଲ୍ଲାଃତାଲାଙ୍କ କୃପାରୁ ସେହି ସମସ୍ତ ବର୍ଣ୍ଣ ବୈଷମ୍ୟତା, ଯୁଦ୍ଧ ଏବଂ ରାଜନୈତିକ ଯୁଦ୍ଧକୁ ସମାପ୍ତ କରିବା ନିମନ୍ତେ ଉଦ୍ୟମରତ ଅଟେ । ଆମେ ଆଶାକରୁ କି ପ୍ରତ୍ୟେକ ଦେଶର ବିଭିନ୍ନ ଧର୍ମାବଲମ୍ବୀୟ ଲୋକମାନେ ଯେଉଁମାନେ ପୁଣ୍ୟବାନ୍ ହୃଦୟର ଲୋକ ଅଟନ୍ତି ଏହି ପ୍ରୟାସରେ ଆପଣ ଅ.ସଙ୍କର ସହାୟକ ହେବେ । କାରଣ ଶାନ୍ତି ସ୍ଥାପିତ ହେଉ ଏବଂ ଏହାର ଯେଉଁ ଲକ୍ଷଣ ସବୁ ଆପଣ ଅ.ସ ଦର୍ଶାଇଥିଲେ ତାହା ଦୃଶ୍ୟମାନ ହେଉଅଛି । ଯେପରିକି ସେତେବେଳେ ସେଠାରେ ବିଭିନ୍ନ ସଂପ୍ରଦାୟ, ଜାତି, ବର୍ଣ୍ଣ ତଥା ଧର୍ମର ସମ୍ମାନିତ ଲୋକମାନେ ଆସିଥିଲେ ସେମାନେ ଆଜି ଏହି ଇଜ୍‌ତିମାରେ (ସାମୂହିକ ଉତ୍ସବ ବା ସମାରୋହ) ସମ୍ମିଳିତ ହୋଇଛନ୍ତି । ତହିଁରୁ ଏହା ପ୍ରକାଶ୍ୟ ଯେ, ଆମେମାନେ ଏକତ୍ରିତ ହେଉଛେ ଓ ଆଜି ଶହେ ବର୍ଷ ପରେ ସାଂପ୍ରତିକ କାଳରେ ମଧ୍ୟ ଆମେମାନେ ଏହା ଅବଲୋକନ କରୁଛୁ ଯେ, ଆଜି ମଧ୍ୟ ଅଲ୍ଲାଃତାଲାଙ୍କ କୃପାରୁ ଅନେକ ଲୋକମାନେ ବିଭିନ୍ନ ଜାତି, ସଂପ୍ରଦାୟ, ବିଭିନ୍ନ ବର୍ଣ୍ଣ ଓ ବିଭିନ୍ନ ଧର୍ମାବଲମ୍ବୀମାନେ ଯେତେବେଳେ ଆସନ୍ତି ସେତେବେଳେ ସେମାନେ ଏହା କୁହନ୍ତି ଯେ, ଜମାଅତ୍ ଅହେମଦିୟାର ପ୍ଲାଟଫର୍ମ୍ ଠାରେ ଆମେମାନେ ସମସ୍ତ ଏକତ୍ରିତ ହୋଇଯାଇଛୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପିରିକି ଆପଣମାନେ ଏଠାରେ ମସ୍‌ଜିଦ୍‌କୁ ଯାଉଛନ୍ତି, ମସ୍‌ଜିଦ୍ ଫଜଲ୍‌ରେ ନମାଜ ପାଠ କରୁଛନ୍ତି ଆପଣମାନେ ମଧ୍ୟ ଦେଖିଥିବେ ଯେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଏକ ପଟା (ଫଳକ) ମଧ୍ୟ କାନ୍ଥରେ ଲଗାଇଥିଲେ । ସେହି ଫଳକରେ ଏହା ଉଲ୍ଲିଖିତ ହୋଇଛି ଯେ, ମୁଁ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍ ଖଲିଫତୁଲ୍ ମସିହ୍ ସାନି ର.ଅ ଜମାଅତ୍ ଅହେମଦିୟାର ଧର୍ମାଧ୍ୟକ୍ଷ ଏବଂ ମୋର କେନ୍ଦ୍ର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ କାଦିୟାନ୍ ଠାରେ ଅବସ୍ଥିତ ଅଟେ । ମୁଁ ଈଶ୍ୱରଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ସକାଶେ ଉକ୍ତ ଉଦ୍ଦେଶ୍ୟକୁ ଆୟୁଦ୍ଧ କରି ଈଶ୍ୱରଙ୍କ ଚର୍ଚ୍ଚା ଇଂଲଣ୍ଡରେ ଉଚ୍ଚ କରିଛି । ଇଂଲଣ୍ଡର ଲୋକମାନେ ମଧ୍ୟ ଏହି ମସ୍‌ଜିଦ୍‌ର କଲ୍ୟାଣରୁ ଅଂଶ ପ୍ରାପ୍ତ କରନ୍ତୁ ଯାହା ଆମମାନଙ୍କୁ ପ୍ରାପ୍ତ ହୋଇଛି । ଆଜି ମୁଁ 20 ରବିଉଲ୍ ଅୱଲ୍ 1343 ହିଜ୍ରୀରେ ଉକ୍ତ ମସ୍‌ଜିଦ୍‌ର ମୂଳଦୁଆ ପକାଉଛି । ମୁଁ ଈଶ୍ୱରଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି ଯେ, ଈଶ୍ୱର ଜମାଅତ୍ ଅହେମଦିୟାର ମହିଳା ଓ ପୁରୁଷମାନଙ୍କର ଏହି ନୈଷ୍ଠିକ ପ୍ରଚେଷ୍ଟାକୁ ସ୍ୱୀକାର କରନ୍ତୁ । ଉକ୍ତ ମସ୍‌ଜିଦ୍‌କୁ ନମାଜ ପାଠକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରଖନ୍ତୁ । କାଳ କାଳ ପାଇଁ ଉକ୍ତ ମସ୍‌ଜିଦ୍‌କୁ ଧର୍ମପରାୟଣତା, ନ୍ୟାୟ ଓ ପ୍ରେମର ଚିନ୍ତାଧାରା ପ୍ରଚାର ପ୍ରସାରକାରୀ କେନ୍ଦ୍ର କରି ଦିଅନ୍ତୁ, ଉକ୍ତ ସ୍ଥାନ ହ. ମୁହମ୍ମଦ୍ ମୁସ୍ତଫା ତଥା ନବି ଶିରୋମଣି ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯେକି ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଅବତାର ଅଟନ୍ତି ଏବଂ ଆଁହଜରରତ ସ.ଅଙ୍କ ଉପ ଅବତାର ଅଟନ୍ତି ତାହାଙ୍କର ଆଲୋକମୟ କିରଣକୁ ଏହି ଦେଶରେ ଓ ଅନ୍ୟ ଦେଶମାନଙ୍କରେ ସଂପ୍ରସାରିତ କରିବା ନିମନ୍ତେ ଉକ୍ତ ମସଜିଦ ଆଧ୍ୟାତ୍ମିକ ସୂର୍ଯ୍ୟର କାମ ଦେଉ । ହେ ଈଶ୍ୱର ତଥାସ୍ତୁ (ଏହିପରି ହିଁ) କର । 19 ଅକ୍ଟୋବର ତାରିଖ 1924 ମସିହା ।

ଏହି ସମସ୍ତ ଲେଖନୀ ଲିଖିତ ଆକାରରେ ରହିଛି । ଆପଣମାନେ ଏହି ଆଲେଖ୍ୟକୁ ପାଠ କରୁଥିବେ । ଅଲ୍ଲାଃତାଲାଙ୍କ କୃପାରୁ ଉପରୋକ୍ତ ଦୁଆକୁ କେନ୍ଦ୍ର କରି ଉକ୍ତ ମସ୍‌ଜିଦ୍‌ର ମୂଳଦୁଆ ସ୍ଥାପିତ ହୋଇଥିଲା । ବିଭିନ୍ନ ଖବରର କାଗଜ ଉକ୍ତ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ସଂକ୍ରାନ୍ତରେ ସର୍ବାଧିକ ଭାବରେ ଖବରର କାଗଜରେ ଖବର ପ୍ରଚାର କରିଥିଲା । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଭାଷଣର ବିଭିନ୍ନ ପ୍ରାମାଣ୍ୟ ନିଜର ଖବର କାଗଜମାନଙ୍କରେ ମଧ୍ୟ ପ୍ରକାଶିତ କଲେ ଏବଂ ଜମାଅତ୍‌ର କାର୍ଯ୍ୟକୁ ମଧ୍ୟ ଉଚ୍ଚ ପ୍ରଶଂସା କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଯେଉଁ କଥା ବର୍ଣ୍ଣନା କରିଛି ତାହା ଆପଣ ର.ଅଙ୍କ ଭାଷଣ ମଧ୍ୟରୁ ସଂକ୍ଷିପ୍ତ ସାରାଂଶ ରୂପେ ବର୍ଣ୍ଣନା କରିଛି । ଏହି ଭାଷଣଟି ଖୁବ୍ ଦୀର୍ଘ ଭାଷଣ ଅଟେ । ସେ ଯାହା ହେଉ ଯେଉଁମାନେ ପାଠ ପଢିବାକୁ ଚାହୁଁଛନ୍ତି, ସେମାନେ ମୂଳ ପାଠ୍ୟକୁ ପଢି ପାରିବେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପିରଶେଷରେ ଉକ୍ତ ମସ୍‌ଜିଦ୍ ସ୍ଥାପିତ ହେଲା ଏବଂ ଦୁଇ ବର୍ଷ ପରେ 1926 ମସିହାରେ ଏହା ଉଦ୍‌ଘାଟିତ ହୋଇଥିଲା । ଉକ୍ତ ମସ୍‌ଜିଦର ଶୁଭୋଦ୍‌ଘାଟନ ପାଇଁ ଶାହ୍ ଫୈସଲ୍ ସାହେବ ଆସିଥାଆନ୍ତେ । ସେ ବର୍ତ୍ତମାନିକ ଶେହ୍‌ଜାଦା (ରାଜ କୁମାର) ଥିଲେ । ତାଙ୍କର ପିତାଶ୍ରୀ ତାଙ୍କୁ ଉଦ୍‌ଘାଟନୀ ପର୍ବରେ ଆସିବା ନିମନ୍ତେ ଅନୁମତି ପ୍ରଦାନ କରି କହିଥିଲେ ଯେ,


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍‌ରେ ଡ୍ରାଇଭର (ବାହନ ଚାଳକ) ଚାକିରୀ (ପଦବୀ) ନିମନ୍ତେ ଘୋଷଣା !

(1) ପ୍ରାର୍ଥୀର ବୟସ 18 ବର୍ଷରୁ କମ ଓ 40ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବା (2) ପ୍ରାର୍ଥୀ ସର୍ବନିମ୍ନ ଦଶମ ଶ୍ରେଣୀ ପାସ୍ କରିଥିବା ଉଚିତ୍ । (3) ପ୍ରାର୍ଥୀ ନିକଟରେ ଚାରି ଚକିଆ ଯାନ ଚଳାଇବାର ବୈଧ ଲାଇସେନ୍ସ୍ (ଅନୁଜ୍ଞପ୍ତି) ହେବା ଜରୁରୀ ଅଟେ । (4) ପ୍ରାର୍ଥୀ ନିମନ୍ତେ ଏହା ଆବଶ୍ୟକ ଯେ, ତା' ପାଖରେ କୌଣସି ସରକାରୀ ଅନୁଷ୍ଠାନ ହେଉ ଅବା ବେସରକାରୀ ଅନୁଷ୍ଠାନର ଡ୍ରାଇଭିଂର ସର୍ବନିମ୍ନ 2 ବର୍ଷର ବୈଧ ଡ୍ରାଇଭିଂର (ଯାନ ଚଳାଇବାର) ଅନୁଭବ ଥିବା ଉଚିତ୍ । ସେହିପରି ନିଜର ଆବେଦନ ଫର୍ମ ସହିତ ଉପର ଲିଖିତ ସର୍ତ୍ତାବଳୀ ଅନୁଯାୟୀ ପ୍ରାର୍ଥୀ ଅଭିଜ୍ଞତା ପ୍ରାପ୍ତ କରିଥିବ ଏବଂ ସେଠାକାର Experience Certificate ଉପସ୍ଥାପିତ କରିବା ମଧ୍ୟ ପ୍ରାର୍ଥୀ ପକ୍ଷେ ବାଧ୍ୟତାମୂଳକ ଅଟେ। (5) ପ୍ରାର୍ଥୀ ନିଜର ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଏକାନ୍ତ ବିଧେୟ । (6) ପ୍ରାର୍ଥୀ ପାଇଁ ଲିଖିତ ପରୀକ୍ଷା ଓ ସାକ୍ଷାତକାର ଅର୍ଥାତ୍ ଇଣ୍ଟରଭ୍ୟୁରେ ଉତ୍ତୀର୍ଣ୍ଣ ହେବା ଜରୁରୀ ଅଟେ। (7) ପ୍ରାର୍ଥୀ ନିମନ୍ତେ ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାରରେ ଉନ୍ନିତ ହେବା ସ୍ଥଳରେ ସେମାନଙ୍କର ଡ୍ରାଇଭିଂ ଟେଷ୍ଟ୍ (ବାହାନ ଚାଳନା ପରୀକ୍ଷା) ମଧ୍ୟ ନିଆଯିବ। (8) ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିଆନ୍‌ରୁ ମେଡ଼ିକାଲ୍ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ୍‌ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ତଥା ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (9) ଚାଳକ ପ୍ରାର୍ଥୀଙ୍କୁ ଦ୍ୱିତୀୟ ଶ୍ରେଣୀ ତୁଲ୍ୟ ଆଲାଉନସ୍ (ଭତ୍ତା) ଏବଂ ଅନ୍ୟାନ୍ୟ ସୁବିଧା ସବୁ ପ୍ରଦାନ କରାଯିବ । (10) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ପ୍ରାରମ୍ଭିକ 5 ବର୍ଷ ପର୍ଯ୍ୟନ୍ତ ନିଜ ରହିବାର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ । (11) କାଦିୟାନ୍ ଯିବା ଆସିବାର ଗସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍**: ଲିଖିତ ପରୀକ୍ଷା, ସାକ୍ଷାତ୍‌କାର, ଡ୍ରାଇଭିଂ ଟେଷ୍ଟର ତାରିଖ ସଂକ୍ରାନ୍ତରେ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍ ଅନୁଷ୍ଠାନରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ !

### ଦ୍ୱିତୀୟ ଶ୍ରେଣୀୟ ଅଧସ୍ତନ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :

(1) ପ୍ରାର୍ଥୀର ବୟସ 25 ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବ। (2) ପ୍ରାର୍ଥୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା 10+2 ରେ 45% ପ୍ରତିଶତ ନମ୍ବର ହେବା ଉଚିତ୍ । (3) ପ୍ରାର୍ଥୀ ଉର୍ଦ୍ଦୁ/ଇଂରାଜୀ କମ୍ପୋଜିଙ୍ଗ୍ (ଟାଇପିଙ୍ଗ୍) ଜାଣିଥିବା ଉଚିତ୍ ଓ ଟାଇପିଂ ସ୍ପିଡ୍ 25ଟି ଶବ୍ଦ ପ୍ରତି ମିନିଟ୍ ହେବା ଉଚିତ୍ । (4) ସାପ୍ତାହିକ ବଦର୍‌ରେ ପ୍ରକାଶିତ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ । (5) ଦ୍ୱିତୀୟ ସ୍ତରର ଅଧସ୍ତନ କର୍ମଚାରୀମାନଙ୍କ ପରୀକ୍ଷା ନିମନ୍ତେ ଯେଉଁ ପାଠ୍ୟଖସଡ଼ା ରହିଛି ତାହା ନିମ୍ନ ଲିଖିତ ଅଟେ । ପ୍ରଶ୍ନ ପତ୍ରର ପ୍ରତ୍ୟେକ ଭାଗରେ ଉତ୍ତୀର୍ଣ୍ଣ ହେବା ଅନିର୍ବାର୍ଯ୍ୟ ଅଟେ ।

**ପ୍ରଥମ ଭାଗ** ☆ପବିତ୍ର କୁରଆନ୍ କରୀମ୍‌ର ନାଜିରା (ଦେଖି ପାଠ କରିବା) ସଂପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ ☆ଚାଲିସ୍ ଜୱାହିର ପାରା ଅନୁବାଦ ସହିତ ☆ଅର୍କାନେ ଇସଲାମ୍, ନମାଜ୍ ସଂପୂର୍ଣ୍ଣ ଅନୁବାଦ ସହିତ **(30 ନମ୍ବର)**

**ଦ୍ୱିତୀୟ ଭାଗ** ☆କିଶ୍ତି ନୁହ୍, ବର୍କାତୁଦ୍ ଦୁଆ, ଦିନି ମାଲୁମାତ୍ ☆ଅକାଏଦ୍ ଜମାଅତ୍ ଅହେମଦିୟା ☆ଦୁର୍ରେ ସମିନରୁ ନଜମ୍ (ଶାନେ ଇସ୍‌ଲାମ୍) **(20 ନମ୍ବର)**

**ତୃତୀୟ ଭାଗ** ☆ ଇଂରାଜୀ ଇଣ୍ଟର୍ ମିଡ଼ିଏଟ୍ (10+2) ସ୍ତର ଅନୁଯାୟୀ **(20 ନମ୍ବର)**

**ଚତୁର୍ଥ ଭାଗ** ☆ ହିସାବ୍ ମ୍ୟାଟ୍ରିକ (ଆଫିସିକ ଇମ୍ପ୍ରେଷ୍ଟ୍ ସଂପର୍କିତ ପ୍ରଶ୍ନ)**(20 ନମ୍ବର)**

**ପଞ୍ଚମ ଭାଗ** ☆ସାଧାରଣ ଜ୍ଞାନ (G.K) **(10 ନମ୍ବର)**

(6) ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର ହିଁ ଇଣ୍ଟରଭ୍ୟୁ ହେବ । (7)ଲିଖିତ ପରୀକ୍ଷା, କମ୍ପ୍ୟୁଟର ଟେଷ୍ଟ ଓ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ କାଦିୟାନ୍‌ରୁ ମେଡ଼ିକାଲ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲର ମେଡ଼ିକାଲ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (8)ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବାର ବ୍ୟବସ୍ଥା ସ୍ୱୟଂ କରିବାକୁ ପଡ଼ିବ। ପରେ ରହଣୀ ସଂପର୍କିତ ପ୍ରାପ୍ତ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । (9) ଯାତ୍ରା ବା ଗସ୍ତ ଖର୍ଚ୍ଚ କାଦିୟାନ୍ ଯିବା ଆସିବା ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ । **(ନୋଟ୍**: ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ)

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in** ☆ ☆ ☆

## ବିଗତ ପୃ-8ରେ ବର୍ଣ୍ଣିତ ଖୁତ୍‌ବା ଜୁମା 18-10-2024ର ଅବଶିଷ୍ଟାଂଶ..... (ବ୍ୟାଖ୍ୟା)ର ଅବଶିଷ୍ଟାଂଶ.....

ଯାଅ । କିନ୍ତୁ ପୁନଶ୍ଚ ମୁସଲମାନମାନଙ୍କର ପ୍ରତିକ୍ରିୟା ତଥା ବିରୋଧ ଯୋଗୁଁ ସମ୍ରାଟ୍ ତାଙ୍କୁ ଅଟକାଇ ଦେଲେ । ପୁନଶ୍ଚ ଏତଦ୍‌ପରେ ଶେଖ୍ ଅବ୍‌ଦୁଲ୍ କାଦିର ସାହେବ ଉକ୍ତ ମସଜିଦ୍‌ର ଶୁଭୋଦଘାଟନ କଲେ ।

ମହୋଦୟ ସ୍ପଷ୍ଟ ଶବ୍ଦରେ କହିଲେ, ମୁଁ ଅହେମଦି ନୁହେଁ କିନ୍ତୁ ଏସବୁ ସତ୍ତ୍ୱେ ଆମେ ଇସ୍‌ଲାମ୍ ଧର୍ମର ସେବା କରିବାକୁ ଇଚ୍ଛୁକ ଅଛୁ । ତେଣୁ ଆମମାନଙ୍କୁ ସମସ୍ତ ମତଭେଦକୁ ଭୁଲି ଏବଂ ମତଭେଦ ଠାରୁ ଉର୍ଦ୍ଧ୍ୱରେ ରହି ପରସ୍ପରକୁ ସାହାଯ୍ୟ କରିବା ଉଚିତ୍ । ସେ ଯାହା ହେଉ ଏହା ମହୋଦୟଙ୍କର ସାହସିକତା ଏବଂ ମୁକ୍ତ ହୃଦୟ ଅଟେ । ଏହାକୁ ନିର୍ଭୀକ ସାହସିକତାର ସହିତ ଏବଂ ଦମ୍ଭୋକ୍ତି କରି ସେ ପରିପ୍ରକାଶ ମଧ୍ୟ କରିଛନ୍ତି । ଅଲ୍ଲାଃତାଲା ମହୋଦୟଙ୍କୁ ଏହାର ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ତୱାରିଖେ ମସଜିଦ୍ ଫଜଲ୍ ଲଣ୍ଡନ, ପୃ-9-14, 18-35, 45-48, 52, 78, ମ୍ୟାନେଜର ବୁକ୍ ଡିପୋ, ସଂକଳନ ଏବଂ ପ୍ରଚାର କାଦିୟାନରୁ ଉଦ୍ଧୃତ) (ତାରିଖେ ଅହେମଦିୟତ୍, ଭାଗ-3, ପୃ-377, 406) (https://shahjahanmosque.org.uk/the-mosque/history/explore/)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହା ଥିଲା ମସଜିଦ୍ ଫଜଲ୍ ଲଣ୍ଡନ୍‌ର ସଂକ୍ଷିପ୍ତ ଇତିହାସର ଇତିବୃତ୍ତି (ଚର୍ଚ୍ଚା)। ଉକ୍ତ ମସଜିଦ୍ ନିର୍ମାଣ ହେବାର ଏହିସବୁ କାରଣଗୁଡ଼ିକ ଥିଲା । ଅର୍ଥାତ୍ ପାଶ୍ଚାତ୍ୟ ଦେଶମାନଙ୍କରେ ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାର ହେଉ । ଅତଏବ୍ ଯେପିରିକି ମୁଁ କହିଲି ଆଜି ଆମେମାନେ ଉକ୍ତ ମସଜିଦ୍‌ର ଏକଶତ ପୂର୍ତ୍ତି ଅବସରରେ ଏକ ଉତ୍ସବର ଆୟୋଜନ କରିବାକୁ ସାମର୍ଥ୍ୟ ଲାଭ ପାଉଅଛୁ । ସୁତରାଂ ଉକ୍ତ ଉତ୍ସବଟି କୌଣସି ସାଂସାରିକ ଉଦ୍ଦେଶ୍ୟ ନିମନ୍ତେ ଆୟୋଜନ କରାଯାଉ ନାହିଁ । ବରଂ ଯେପରିକି ମୁଁ କହିଲି କି ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆଦେଶାବଳୀ, କଥନାବଳୀରୁ ତଥା ହ. ମସିହ୍ ମଉଦ୍ ଅ.ସଙ୍କ ବାଣୀ ଓ କଥନରେ ଏହା କୁହାଯାଇଛି ଯେ, ଉକ୍ତ ମସଜିଦ୍ ହେଉଛି ସେହି ସ୍ଥାନ ଯେଉଁଠି ଅଲ୍ଲାଃତାଲାଙ୍କର ଉପାସନା ନିମନ୍ତେ ଲୋକମାନେ ଏକତ୍ରିତ ହୁଅନ୍ତି । ତେଣୁ ଆପଣମାନେ ସେହି ଏକେଶ୍ୱରବାଦ ପ୍ରଭୁଙ୍କର ଉପାସନା କରନ୍ତୁ ଓ ପରସ୍ପରର ଅଧିକାରକୁ ସମ୍ପାଦନକାରୀ ବ୍ୟକ୍ତିରେ ରୂପେ ବିବେଚିତ ହୁଅନ୍ତୁ । ସେହି ଦୃଷ୍ଟିରୁ ମସଜିଦ୍‌ର ମହତ୍ତ୍ୱ ମଧ୍ୟ ଯଥେଷ୍ଟ ରୂପେ ବୃଦ୍ଧି ପାଇଛି । ଅଲ୍ଲାଃତାଲାଙ୍କ ଶିକ୍ଷାନୁଯାୟୀ ମନୁଷ୍ୟର ଜନ୍ମ ହେବାର ଅଭିପ୍ରାୟ ହେଲା ପ୍ରଭୁଙ୍କର ଉପାସନା କରିବା। ଆମେମାନେ ଏହି ଉପାସନାରୁ ଦୂରେଇ ଯାଉଛେ । ଅତଏବ୍ ଆଜି ଆମମାନଙ୍କୁ ଉକ୍ତ କଥା ନିମନ୍ତେ ଉଦ୍ୟମ କରିବା ଉଚିତ୍ ଯେ, ଆମେମାନେ ଉପାସନାର କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ ହେବା ଉଚିତ୍ । ନିଜର ବାତାବରଣରେ, ନିଜର ଆଖପାଖର ଲୋକମାନଙ୍କୁ ମଧ୍ୟ, ଆପଣମାନେ ନିଜର ବଂଶଧରମାନଙ୍କୁ ମଧ୍ୟ ଉକ୍ତ କଥା ନିମନ୍ତେ ଦୃଷ୍ଟି ଆକର୍ଷଣ କରନ୍ତୁ ଯେ, ପ୍ରକୃତ ଜୀବନ ଏବଂ ଆମମାନଙ୍କର ଅସ୍ତିତ୍ୱତା ତହିଁରେ ନିହିତ ରହିଛି ଯେ, ଆମେମାନେ ଅଲ୍ଲାଃତାଲାଙ୍କର ଉପସନା କରିବୁ ଓ ତାହାଙ୍କର କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ ହେବୁ । ଆମେମାନେ ତାହାଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କର କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ ହେବା ଉଚିତ୍ । ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ଆଦେଶାବଳୀ ଉପରେ ପରିଚାଳିତ ହେବା ଉଚିତ୍ । ତେବେଯାଇ ଆମେମାନେ ସଂସାରକୁ ଶାନ୍ତି, ପ୍ରୀତି ଏବଂ ମୈତ୍ରୀ ସହିତ ପରିଚାଳିତ କରିବାକୁ ସକ୍ଷମ ହୋଇ ପାରିବୁ । ଏହି ଶୃଙ୍ଖଳିତ ମାର୍ଗରେ ଆମେମାନେ ନିଜର ଜୀବନ ଅତିବାହିତ କରିପାରିବୁ । ଅନ୍ୟଥା ଏଠାରେ ଉପଦ୍ରବ, ହିଂସା ଓ କଳହ ବ୍ୟତୀତ ଅନ୍ୟ କିଛି ନାହିଁ । ଏହିଭଳି ଦୃଶ୍ୟ ଆଜିକାଲି ଆମେମାନେ ଅବଲୋକନ କରୁଛେ। ଅତଏବ୍ ଉକ୍ତ ଅଭିପ୍ରାୟକୁ ପ୍ରତ୍ୟେକ ଅହେମଦିକୁ ସ୍ମରଣ ରଖିବା ଉଚିତ୍ । ଆଁହଜରତ ସ.ଅ କହିଲେ, ଯେଉଁ ପ୍ରସଙ୍ଗ ବା ବସ୍ତୁକୁ ତୁମେ ନିଜ ନିମନ୍ତେ ପସନ୍ଦ କରୁଛ ସେହି ପ୍ରସଙ୍ଗ ବା ବସ୍ତୁକୁ ତୁମେ ଅନ୍ୟମାନଙ୍କ ପାଇଁ ମଧ୍ୟ ପସନ୍ଦ କର । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇମାନ୍, ବାବୁଲ୍ ଇମାନ୍, ଅଇଁ ୟୁହିବ୍‌ବା ଲି ଅଖିହି ମା ୟୁହିବ୍‌ବୁ ଲିନଫ୍‌ସିହି, ହଦିସ୍ ସଂଖ୍ୟା-13)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଉପରୋକ୍ତ ଶିକ୍ଷାନୁଯାୟୀ ପ୍ରତ୍ୟେକ

ଅହେମଦିର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ତବ୍‌ଲିଗ୍‌କୁ, ଉକ୍ତ ବାର୍ତ୍ତା ଅର୍ଥାତ୍ ପ୍ରେମ, ଆନ୍ତରୀକତା, ଶାନ୍ତିର ସହିତ ରହିବାର ସନ୍ଦେଶ ଅଟେ, ସନ୍ଧି, ମୈତ୍ରୀର ବାର୍ତ୍ତା ରହିଛି ସଂସାରକୁ କୁହନ୍ତୁ ଏବଂ ସଂସାରକୁ ଅବଗତ କରାଇ ଉକ୍ତ ବାର୍ତ୍ତାର ପ୍ରଚାର ପ୍ରସାର କରନ୍ତୁ । ଏହା ହିଁ ମନୁଷ୍ୟର ସ୍ଥାୟିତ୍ୱତାର ପ୍ରତିଭୂ ଅଟେ । ଏତଦ୍‌ଭିନ୍ନ ଅନ୍ୟ କୌଣସି ବସ୍ତୁ ନାହିଁ । ଅନ୍ୟଥା ଆଗାମୀ ବଂଶଧରମାନଙ୍କର ଧ୍ୱଂସର ଗର୍ତ୍ତରେ ଖସି ଚାଲୁଥିବେ । ସେହି ସମୟଟି ଆଉ ବେଶୀ ଦୂର ନୁହେଁ ଯେ, ଏହି ଯୁଦ୍ଧ ଯୋଗୁଁ ଆଗାମୀ ବଂଶଧରମାନେ ପଙ୍ଗୁ ଓ ଭିନ୍ନକ୍ଷମ ହୋଇ ଜନ୍ମ ଗ୍ରହଣ କରିବେ। ସୁତରାଂ ଏହି ଦୃଷ୍ଟିରୁ ମଧ୍ୟ ଲୋକମାନଙ୍କୁ ସଚେତନ ଏବଂ ଅବଗତ କରିବା ନିତାନ୍ତ ଆବଶ୍ୟକ ଅଟେ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ଆମେମାନେ ଉକ୍ତ ମସ୍‌ଜିଦ୍‌ର ଅଧିକାରକୁ ଚରିତାର୍ଥକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇ ପ୍ରତ୍ୟେକ ଦୃଷ୍ଟିରୁ ମସ୍‌ଜିଦ୍‌ର ଅଧିକାର ସାବ୍ୟସ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହେବା ଉଚିତ୍ ।

କେବଳ ଏହି ମସ୍‌ଜିଦ୍ ନୁହଁ ବରଂ ପ୍ରତ୍ୟେକ ଅହେମଦିକୁ ପ୍ରତ୍ୟେକ ସ୍ଥାନରେ ଥିବା ମସ୍‌ଜିଦ୍‌କୁ ନମାଜ ପାଠକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରଖିବା, ମସ୍‌ଜିଦ୍‌ର କର୍ତ୍ତବ୍ୟ ନିର୍ବାହ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବା ଉଚିତ୍ । କାରଣ ପ୍ରତ୍ୟେକ ଅହେମଦି ନିଜ ଉପାସନାର କର୍ତ୍ତବ୍ୟକୁ ପୂର୍ଣ୍ଣ ରୂପେ ସମ୍ପାଦନକାରୀ ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତୁ । ଅଲ୍ଲାଃତାଲାଙ୍କର ବାର୍ତ୍ତାକୁ ପହଞ୍ଚାଇବାର ଯେଉଁ ଅଧିକାର ରହିଛି ତାହାକୁ ପୂର୍ଣ୍ଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଇସଲାମ୍ ଧର୍ମର ତବ୍‌ଲିଗ୍‌ର ଯେଉଁ କର୍ତ୍ତବ୍ୟ ତଥା ଅଧିକାର ରହିଛି ତାହାର କର୍ତ୍ତବ୍ୟ ମଧ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ବିବେଚିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ପ୍ରକୃତ ଅର୍ଥରେ ସେମାନେ ମୁସଲମାନ ହୋଇଯାଆନ୍ତୁ ଯେଉଁଥି ପାଇଁ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ଅବତୀର୍ଣ୍ଣ ତଥା ପ୍ରେରଣ କରିଥିଲେ । ସଂପ୍ରତିକ କାଳରେ ଆପଣ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ୍ ମଉଦ୍ ଅ.ସଙ୍କୁ ଅଲ୍ଲାଃତାଲା ପ୍ରେରଣ କଲେ । କାରଣ ଆପଣ ଅ.ସ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ପୁନରୁତ୍ଥାନର ଯୁଗ ପୁନର୍ବାର ଆରମ୍ଭ ହେଉ । ସଂସାରରେ ଇସ୍‌ଲାମ୍ ଧର୍ମ ଏବଂ ଏକେଶ୍ୱରବାଦ ପ୍ରଭୁଙ୍କ ରାଜତ୍ୱ ସ୍ଥାପିତ ହେଉ ଓ ଆଁହଜରତ ସ.ଅଙ୍କ ଧ୍ୱଜା ସଂସାରରେ ଫରଫର ହୋଇ ଉଡୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍। **(ଅଲ୍ ଫଜଲ୍ ଇଣ୍ଟନେସ୍‌ନାଲ୍, ନଭେମ୍ବର ମାସ 08 ତାରିଖ, 2024 ମସିହା, ପୃ-2-6)**

☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ସେ ନିଜ ଦୟାର ହସ୍ତ ପ୍ରସାରିତ କରି ଦୟା ମାଧ୍ୟମରେ ଶାସ୍ତିକୁ ଅଟକାଇ ରଖିଛନ୍ତି ଓ ଶାସ୍ତିକୁ କୌଣସି ସର୍ତ୍ତ ସହିତ ସର୍ତ୍ତାଧାରିତ କରିଦେଇଛନ୍ତି । ବର୍ତ୍ତମାନ ତୁମମାନଙ୍କର ଏହି କର୍ତ୍ତବ୍ୟ କି ତୁମେମାନେ ଈଶ୍ୱରଙ୍କ ସେହି ନିୟମାବଳୀ ମଧ୍ୟରୁ ଲାଭାନ୍ୱିତ ତଥା ଉପକୃତ ହେବା ଉଚିତ୍ । ତାହାଙ୍କ ଆଦେଶାବଳୀକୁ ସ୍ୱୀକାର କରି ତାହାଙ୍କ ଧର୍ମବୈଧାନିକ ଶାସ୍ତିରୁ ଓ ସ୍ୱଭାବଗତ ପ୍ରକୃତିର ନିୟମାନୁବଳୀ ଅନୁସରଣ କରି ତାହାଙ୍କ ସ୍ୱଭାବଗତ ଶାସ୍ତିରୁ ବର୍ତ୍ତିବା ଉଚିତ୍ । ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ସମସ୍ତ ଅବଦାନ ବା ପୁରସ୍କାରରୁ ସଠିକ୍ ଭାବରେ ଆପଣମାନେ ଉପକୃତ ହୁଅନ୍ତୁ । **(ତଫସିର୍ କବିର୍, ଭାଗ-6, ପୃ-81, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା)** ☆--☆--☆

## ବିଗତ ବଦର୍ ସଂଖ୍ୟା-47 ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 26-01-2024ର ଅବଶିଷ୍ଟାଂଶ.....

ପବିତ୍ର କୁରଆନ୍ କରୀମ୍‌ରେ ଏହି ଆୟତ୍ ଅବତୀର୍ଣ୍ଣ ହୋଇଛି ଯେ, لَيۡسَ لَكَ مِنَ الۡاَمۡرِ شَيۡءٌ ଅର୍ଥାତ୍ ଶାସ୍ତି ଦେବା ଏବଂ କ୍ଷମା କରିଦେବା ଇତ୍ୟାଦି ପ୍ରସଙ୍ଗ ଅଲ୍ଲାଃତାଲାଙ୍କ ହସ୍ତରେ ନିହିତ ରହିଛି । ତହିଁରେ ତୁମର କୌଣସି ସଂପର୍କ ନାହିଁ। ତୁମର କିଛି ଯାଏ ଆସେ ନାହିଁ । ଈଶ୍ୱର ଯାହାକୁ ଚାହିଁବେ ତାହାକୁ କ୍ଷମା କରିବେ ଓ ଯାହାକୁ ଚାହିଁବେ ଶାସ୍ତି ପ୍ରଦାନ କରିବେ । ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ପୁନଶ୍ଚ କୁହନ୍ତି: "ଫାତିମତୁଜ୍ ଜୁହରା ର.ଅ ଯିଏ ଆଁହଜରତ ସ.ଅଙ୍କ ସଂପର୍କରେ ଭୟଙ୍କର ଖବର ଶୁଣି ମଦିନାରୁ ବାହାରି ଆସିଥିଲେ । ସେ ମଧ୍ୟ କିଛି ସମୟ ପରେ ଓ୍ୱୋହୋଦ୍ ଯୁଦ୍ଧ ଭୂମିରେ ପହଞ୍ଚି ଯାଇଥିଲେ । ଆପଣ ର.ଅ ଯୁଦ୍ଧ ଭୂମିକୁ ଆସିବା ମାତ୍ରେ ଆପଣ ସ.ଅଙ୍କ ଆଘାତ ଏବଂ କ୍ଷତକୁ ଧୋଇବା ଆରମ୍ଭ କରିଦେଲେ । କିନ୍ତୁ ରକ୍ତ କୌଣସି ମତେ ବନ୍ଦ ହେଉ ନଥିଲା । ପରିଶେଷରେ ହ. ଫାତିମତୁଜ୍ ଜୁହରା ର.ଅ ଚଟେଇର ଏକ ଖଣ୍ଡ ନେଲେ ଏବଂ ତା'କୁ ପୋଡ଼ିଦେଲେ ସେହି ପାଉଁଶକୁ ହ. ଫାତିମା ର.ଅ ଆଁହଜରତ ସ.ଅଙ୍କ କ୍ଷତାକ୍ତ ସ୍ଥାନରେ ବାନ୍ଧିଦେଲେ । ତେବେଯାଇ ରକ୍ତ ଥମିଲା (ବନ୍ଦେ ହେଲା) । ଇତ୍ୟବସରରେ ଅନ୍ୟ ମହିଳାମାନେ ମଧ୍ୟ ଆହତ ହୋଇଥିବା ସାହାବାମାନଙ୍କର ସେବା ଶୁଶ୍ରୁଷା କରି ପୁଣ୍ୟାର୍ଜନ କଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-497-498)**

ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଉକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଓହୋଦ୍ ଯୁଦ୍ଧ ଅବସରେ ଏକ ପଥର ଆପଣ ସ.ଅଙ୍କ ଖୌଦ୍ (ଲୌହ ମୁକୁଟ)ରେ ଆସି ବାଜିଲା । ସେହି ଲୌହ ମୁକୁଟରେ ଥିବା କଣ୍ଟା ଆପଣ ସ.ଅଙ୍କ ମୁଣ୍ଡରେ ପଶିଗଲା । ଫଳତଃ ଆପଣ ସ.ଅ ଅଚେତ୍ ହୋଇ ସାହାବାମାନଙ୍କ ଶବ ଉପରେ ପଡ଼ିଗଲେ ଯେଉଁ ସାହାବାମାନେ ଆପଣ ସ.ଅଙ୍କ ଆଖପାଖରେ ଲଢୁଥିଲେ । ସେହି ସାହାବାମାନେ ଶହୀଦ୍ ହୋଇ ଯାଇଥିଲେ ଏତଦ୍‌ପରେ ଆଉ କେତେକ ସାହାବାମାନଙ୍କର ପାର୍ଥିବ ଶରୀର ଆପଣ ସ.ଅଙ୍କ ପବିତ୍ର ଶରୀର ଉପରେ ଆସି ପଡ଼ିଗଲା । ଲୋକମାନେ ଏହା ଭାବିଲେ ଯେ, ଆପଣ ସ.ଅ ମୃତ୍ୟୁବରଣ କରି ସାରିଛନ୍ତି । କିନ୍ତୁ ଆପଣ ସ.ଅଙ୍କୁ ଯେତେବେଳେ ଗର୍ତ୍ତ ମଧ୍ୟରୁ ବାହାର କରାଗଲା। ଆପଣ ସ.ଅଙ୍କ ଯେତେବେଳେ ଚେତା ଫେରିଲା ସେତେବେଳେ ଆପଣ ସ.ଅ ଏହା ଭାବିଲେ ନାହିଁ ଯେ, ଶତ୍ରୁ ମୋତେ ଆହତ ଏବଂ କ୍ଷତାକ୍ତ କରିଦେଇଛି । ମୋର ଦାନ୍ତ ଭାଙ୍ଗି ଦିଆଯାଇଛି । ମୋର ଅତ୍ମୀୟ ସ୍ୱଜନମାନଙ୍କୁ, ସଂପର୍କୀୟମାନଙ୍କୁ ଏବଂ ବନ୍ଧୁ ପରିଜନମାନଙ୍କୁ ଶହୀଦ୍ କରିଦିଆଯାଇଛି ତାହା ନୁହଁ । ବରଂ ଆପଣ ସ.ଅଙ୍କ ଚେତା ଫେରିବା ମାତ୍ରେ ଆପଣ ସ.ଅ ଏହି ଦୁଆ କଲେ ଯେ, رَبِّ اغۡفِرۡ لِقَوۡمِیۡ فَاِنَّهُمۡ لَا یَعۡلَمُوۡنَ ଅର୍ଥାତ୍ ହେ ଈଶ୍ୱର ଏହି ଲୋକମାନେ ମୋର ମର୍ଯ୍ୟାଦାକୁ ଅନୁଭବ କଲେ ନାହିଁ କି ମୋତେ ଚିହ୍ନି ପାରିଲେ ନାହିଁ । ତେଣୁ ହେ ପ୍ରଭୁ ! ତୁମ୍ଭେ ଏମାନଙ୍କୁ କ୍ଷମା କରିଦିଅ ଏବଂ ଏମାନଙ୍କର ପାପକୁ କ୍ଷମା କରିଦିଅ ।"

**(ତଫସିର୍ କବିର୍, ଭାଗ-7, ପୃ-67-68, ସଂସ୍କରଣ ବର୍ଷ-2004 ମସିହା)**

ଓହୋଦ୍ ଯୁଦ୍ଧରେ ଦେବଦୂତମାନଙ୍କର ଉପସ୍ଥିତ ହେବା ଏବଂ ସେମାନଙ୍କର ଯୁଦ୍ଧରେ ଅଂଶଗ୍ରହଣ କରିବା ସଂକ୍ରାନ୍ତରେ ଚର୍ଚ୍ଚା ମଧ୍ୟ ମିଳେ । ସାଆଦ୍ ବିନ୍ ୱକ୍କାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଓହୋଦ୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ.ଅଙ୍କ ଦକ୍ଷିଣ ଏବଂ ବାମ ପାର୍ଶ୍ୱରେ ଦୁଇଜଣ ବ୍ୟକ୍ତିଙ୍କୁ ଦେଖିଥିଲି । ସେମାନଙ୍କ ଶରୀର ଉପରେ ଧବଳ ବସ୍ତ୍ର ଥିଲା । ଅର୍ଥାତ୍ ସେମାନେ ଧବଳ ବସ୍ତ୍ର ପରିଧାନ କରିଥିଲେ । ସେମାନେ ଘମାଘୋଡ଼ ଯୁଦ୍ଧ ଲଢୁଛନ୍ତି । ମୁଁ ଏହା ପୂର୍ବରୁ ସେହି ଦୁଇ ଜଣଙ୍କୁ କେବେ ବି ଦେଖି ନଥିଲି ଓ ନା ହିଁ ମୁଁ ଏହା ପରେ କେବେ ସେମାନଙ୍କୁ ଦେଖିଲି ଅର୍ଥାତ୍ ଜିବ୍ରାଇଲ୍ ଅ.ସ ଏବଂ ମିକାଇଲ୍ ଅ.ସଙ୍କୁ । ହୁଜୁର ଅନଓ୍ୱର୍ ଅ.ବ କହିଲେ, ଉକ୍ତ ବର୍ଣ୍ଣନାଟି ବହିକି ବର୍ଣ୍ଣନା କରିଛି ।

ପୁନଶ୍ଚ ମୁଜାହିଦ୍ ବର୍ଣ୍ଣନା କରିଛନ୍ତି ଯେ, "ଦେବଦୂତମାନେ କେବଳ ବଦର୍ ଯୁଦ୍ଧ ଦିନ ଯୁଦ୍ଧ ଲଢ଼ିଥିଲେ । ବହିକି କୁହନ୍ତି ଯେ, ତାଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ମୁସଲମାନମାନେ ରସୁଲୁଲ୍ଲାଃ ସ.ଅଙ୍କ ଆଦେଶର ଅବମାନନା ତଥା ଅବଜ୍ଞା କଲେ । ଆଁହଜରତ ସ.ଅଙ୍କ ଦ୍ୱାରା ଦିଆଯାଇଥିବା ଆଦେଶାବଳୀ ଉପରେ ଧୈର୍ଯ୍ୟ ପ୍ରଦର୍ଶନ କଲେ ନାହିଁ । ତେଣୁ ସେତେବେଳେ ଦେବଦୂତମାନେ ଯୁଦ୍ଧ କଲେ ନାହିଁ । ଉକ୍ତ ଇଙ୍ଗିତଟି ପର୍ବତ ମଧ୍ୟରେ ଥିବା ଏକ ଫାଟକ ମାର୍ଗ ଆଡ଼କୁ ଅଟେ । ଅର୍ଥାତ୍ ଦର୍‌ରାହ୍ ଠାରେ ମୁତୟନ ହୋଇଥିବା ସାହାବାମାନେ ଧୈର୍ଯ୍ୟ ଏବଂ ଆଜ୍ଞାପାଳନ କଲେ । ତେଣୁ ଦେବଦୂତମାନେ ସୁରକ୍ଷା ଦେଉଥିଲେ । ଯେତେବେଳେ ଦର୍‌ରାହ୍‌ର ସେହି ସାହାବାମାନେ ଅଧୈର୍ଯ୍ୟତା ପ୍ରଦର୍ଶନ କଲେ ସେତେବେଳେ ଦେବଦୂତମାନେ ମଧ୍ୟ ନିଜର ଛତ୍ରଛାୟା ଉଠାଇ ନେଲେ । ଓ୍ୱଲ୍ଲାହୁ ଆଲମ୍ । ଅର୍ଥାତ୍ ପ୍ରଭୁ ହିଁ ଅନ୍ତର୍ଯାମୀ ଅଟନ୍ତି । ସେ ହିଁ ଭଲ ଭାବରେ ଜାଣନ୍ତି ଯେ, ସତ୍ୟ ଘଟଣାଟି କ'ଣ ?"

ଏଥି ସଂକ୍ରାନ୍ତରେ ମୁହମ୍ମଦ୍ ବିନ୍ ଉମର୍ ନିଜର ଗୁରୁଜନମାନଙ୍କ ଠାରୁ ଶୁଣି ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲାଙ୍କର ଆଦେଶାବଳୀ بَلٰۤی ۙ اِنۡ تَصۡبِرُوۡا وَ تَتَّقُوۡا ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ଯେ, ସେହି ସାହାବାମାନେ ଧୈର୍ଯ୍ୟ ପ୍ରଦର୍ଶନ କଲେ ନାହିଁ ଓ ପଳାୟନ କଲେ । ଫଳତଃ ସେମାନଙ୍କୁ ସାହାଯ୍ୟ କରାଗଲା ନାହିଁ। ମୁହମ୍ମଦ୍ ବିନ୍ ଉମର୍ ମଧ୍ୟ ନିଜର ଗୁରୁଜନମାନଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ତାଙ୍କର ଗୁରୁଜନମାନେ କହିଲେ, ଯେ, ମୁସ୍‌ଅବ୍ ବିନ୍ ଉମୈର ର.ଅ ଯେତେବେଳେ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଲ୍ ଜୁମର: 36)

ଅନୁବାଦ: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ବୀରଗତି ପ୍ରାପ୍ତ କଲେ ସେତେବେଳେ ମୁସଅବ୍ ବିନ୍ ଉମୈର୍ ର.ଅଙ୍କ ରୂପରେ ଏକ ଦେବଦୂତ ଧ୍ୱଜା ଧରିନେଲେ ଓ ସେଦିନ ଦେବଦୂତମାନେ ଉପସ୍ଥିତ ହୋଇଥିଲେ । କିନ୍ତୁ ସେହି ଦେବଦୂତମାନେ ଯୁଦ୍ଧ କଲେ ନାହିଁ ।

ହାରିସ୍ ବିନ୍ ସିମ୍ମା ର.ଅ ଏହି ସମସ୍ତ ପରିସ୍ଥିତିର ନକ୍ସା ଅଙ୍କନ କରି କୁହନ୍ତି ଯେ, ଓହୋଦ୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ.ଅ ଘାଟି ଠାରେ ଥିଲେ । ଆପଣ ସ.ଅ ମୋତେ ଅବ୍ଦୁର ରହ୍‌ମାନ୍ ବିନ୍ ଔଫ୍ ସଂକ୍ରାନ୍ତରେ ଯେତେବେଳେ ପଚାରିଲେ, ସେତେବେଳେ ମୁଁ କହିଲି, ମୁଁ ତାଙ୍କୁ ପର୍ବତ ଅଭିମୁଖେ ଯାଉଥିବାର ଦେଖିଲି । ଆପଣ ସ.ଅ କହିଲେ, ନିଃସନ୍ଦେହ ଦେବଦୂତମାନେ ସେମାନଙ୍କ ସହିତ ମିଶି ଯୁଦ୍ଧ ଲଢୁଛନ୍ତି। ହାରିସ୍ ର.ଅ କୁହନ୍ତି: ଏତଦ୍‌ପରେ ମୁଁ ପୁନଶ୍ଚ ଅବ୍ଦୁର୍ ରହେମାନ ର.ଅଙ୍କ ଆଡ଼କୁ ଯେତେବେଳେ ଫେରିଲି ସେତେବେଳେ ତାଙ୍କ ସମ୍ମୁଖରେ 7 ଜଣ ଅବିଶ୍ୱାସକାରୀଙ୍କୁ ମୃତ ହୋଇଥିବାର ଅବଲୋକନ କଲି । ତେଣୁ ମୁଁ କହିଲି, ତୋର ଦକ୍ଷିଣ ହସ୍ତ ସାଫଲ୍ୟମଣ୍ଡିତ ହୋଇଗଲା । ସେହି ସମସ୍ତଙ୍କର ବଧ ଆପଣ ର.ଅ କରିଛନ୍ତି । ସେ କହିଲେ, ଏହି ଶତ୍ରୁକୁ ମୁଁ ବଧ କରିଛି । ସେହି ଲୋକମାନଙ୍କୁ ଏପରି ଜଣେ ବ୍ୟକ୍ତି ବଧ କରିଛି ଯାହାକୁ ମୁଁ ଦେଖି ନାହିଁ । ତେବେ ମୁଁ କହିଲି, ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହ ଆମକୁ ସତ କହିଥିଲେ । ଅର୍ଥାତ୍ ଦେବଦୂତମାନେ ସେମାନଙ୍କ ସହିତ ମିଶି ଯୁଦ୍ଧ କରୁଥିଲେ ।

ଇବ୍‌ନେ ସାଆଦ୍ ଅବ୍ଦୁଲ୍ଲାଃ ବିନ୍ ଫଜଲ୍ ବିନ୍ ଅବ୍ବାସ୍ ର.ଅଙ୍କ ଠାରୁ ବର୍ଣ୍ଣନା କରିଛନ୍ତି ଯେ, ସେ କୁହନ୍ତି: "ଓହୋଦ୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ.ଅ ମୁସଅବ୍ ବିନ୍ ଉମୈର୍ ର.ଅଙ୍କୁ ଧ୍ୱଜା ପ୍ରଦାନ କଲେ ତେବେ ମୁସଅବ୍ ବିନ୍ ଉମୈର୍ ଶହୀଦ୍ ହୋଇଗଲେ । ତେବେ ସେହି ଧ୍ୱଜାକୁ ଜଣେ ଦେବଦୂତ ମୁସଅବ୍ ବିନ୍ ଉମୈର୍ ର.ଅଙ୍କ ରୂପ ଧାରଣ କରି ଧରିନେଲା । ଏହା ଦେଖି ରସୁଲୁଲ୍ଲାଃ ସ.ଅ କହିବାକୁ ଲାଗିଲେ, ହେ ମୁସଅବ୍ ! ଆଗକୁ ଅଗ୍ରସର ହୁଅ । ଦେବଦୂତ ଆପଣ ସ.ଅଙ୍କ ଆଡ଼କୁ ଧ୍ୟାନ ଆକର୍ଷଣ କରି କହିଲା, ହେ ମୁହମ୍ମଦ୍ ସ.ଅ ! ମୁଁ ମୁସଅବ୍ ତ' ନୁହେଁ ହେଲେ ରସୁଲୁଲ୍ଲାଃ ସ.ଅ ଚିହ୍ନି ନେଲେ ଯେ, ଏହି ବ୍ୟକ୍ତି ଜଣକ ଦେବଦୂତ ଅଟନ୍ତି । ଏହି ଦେବଦୂତଙ୍କ ମାଧ୍ୟମରେ ଆପଣ ସ.ଅଙ୍କୁ ସାହାଯ୍ୟ କରାଯାଇଥିଲା ।"

ମୁହମ୍ମଦ୍ ବିନ୍ ସାବିତ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଓହୋଦ୍ ଯୁଦ୍ଧ ଦିନ କହିଲେ, ହେ ମୁସଅବ୍ ! ତୁମେ ଆଗକୁ ଅଗ୍ରସର ହୁଅ । ତେବେ ଅବ୍ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁସଅବ୍ ତ' ଶହୀଦ୍ ହୋଇ ନାହାନ୍ତି । ତାଙ୍କୁ ଶହୀଦ୍ କରାଯାଇ ନାହିଁ । ଆପଣ ସ.ଅ କହିଲେ, ଅବଶ୍ୟ । କିନ୍ତୁ ଗୋଟିଏ ଦେବଦୂତ ମୁସଅବ୍ ବିନ୍ ଉମୈରଙ୍କ ସ୍ଥାନରେ ଆସିଛି ଓ ମୁସଅବ୍ ବିନ୍ ଉମୈରଙ୍କ ନାମ ସେହି ଦେବଦୂତକୁ ଦିଆଯାଇଛି । ଅଲ୍ଲାମା ଅସାକିର୍ ର.ଅ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ଠାରୁ ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି ଯେ, ଓହୋଦ୍ ଯୁଦ୍ଧ ଦିନ ମୁଁ ସ୍ୱୟଂକୁ ଦେଖିଲି କି ମୁଁ ତୀର ଚାଳନା କରୁଛି ଏବଂ ସେହି ତୀରଗୁଡ଼ିକୁ ମୋ ନିକଟକୁ ଜଣେ ଧବଳ ବର୍ଣ୍ଣ ପରିହିତ ଥିବା ଜଣେ ସୁନ୍ଦର ବ୍ୟକ୍ତି ନେଇ ଆସୁଥିଲା । ମୁଁ ସେହି ବ୍ୟକ୍ତିକୁ ଚିହ୍ନି ନଥିଲି ଏପର୍ଯ୍ୟନ୍ତକି ଏତଦ୍‌ପରେ ମୁଁ ଏହା ଭାବିବାକୁ ଲାଗିଲି ଯେ, ସେହି ବ୍ୟକ୍ତି ଜଣକ ଅବଶ୍ୟ ଜେଣ ଦେବଦୂତ ଥିଲା।

ଉମୈର୍ ବିନ୍ ଇସ୍‌ହାକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଓହୋଦ୍ ଯୁଦ୍ଧ ଦିନ ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କ ଠରୁ ଦୂରେଇ ଗଲେ ଏବଂ ସାଆଦ୍ ର.ଅ ଆପଣ ସ.ଅଙ୍କ ସମ୍ମୁଖରେ ତୀର ଚାଳନା କରୁଥିଲେ । ଆଉ ଜଣେ ଯୁବକ ତାଙ୍କୁ ତୀର ଉଠାଇ ଦେଉଥିଲା । ହ. ସଆଦ୍ ର.ଅ ଯେତେବେଳେ ବି ତୀର ଅବିଶ୍ୱାସକାରୀଙ୍କ ଆଡ଼କୁ ଚାଳନା କରୁଥିଲେ ସେତେବେଳେ ସେହି ଯୁବକ ଜଣକ ଆପଣ ର.ଅଙ୍କୁ ତୀର ଆଣି ଦେଉଥିଲା । ଆଁହଜରତ ସ.ଅ କହିଲେ, ହେ ଅବୁ ଇସ୍‌ହାକ୍ ! ତୀର ଚଳାଅ । ଯେତେବେଳେ ଯୁଦ୍ଧ ସମାପ୍ତ ହେଲା ସେତେବେଳେ ସେହି ଯୁବକ ଜଣକ ଆଉ ଦୃଶ୍ୟମାନ ହେଲା ନାହିଁ । ନା ହିଁ ସେହି ଯୁବକକୁ କେହି ଚିହ୍ନିଥିଲା। ଅଲ୍ଲାମା ବହିକି ର.ଅ ଉରୱହା ର.ଅଙ୍କ ଠାରୁ ବର୍ଣ୍ଣାନା କରନ୍ତି ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି وَلَقَدْ صَدَقَكُمُ اللّٰهُ وَعْدَهٗۤ **(ଆଲେ ଇମ୍ରାନ୍: 153)** ନିଃସନ୍ଦେହ ରୂପେ ଅଲ୍ଲାଃତାଲା ତୁମମାନଙ୍କ ସମ୍ବନ୍ଧରେ ନିଜର ପ୍ରତିଶ୍ରୁତି ରକ୍ଷା କରିଥିଲେ । 5000 ଅହରହ ଦେବଦୂତମାନଙ୍କ ମାଧ୍ୟମରେ ସେମାନଙ୍କୁ ଆମ୍ଭେ ସାହାଯ୍ୟ କରିବୁ । ଅଲ୍ଲାଃତାଲା ଏହିପରି ହିଁ କଲେ । କିନ୍ତୁ ସେମାନେ ଯେତେବେଳେ ଆଁହଜରତ ସ.ଅଙ୍କ ଆଦେଶର ଅବମାନନା କଲେ ଏବଂ ଧାଡ଼ି ଭାଙ୍ଗିଦେଲେ ଏବଂ ଧନୁର୍ଦ୍ଧରମାନେ ରସୁଲ୍ କରୀମ୍ ସ.ଅଙ୍କ ସେହି ଓସିୟତ୍ (ଆଦେଶକୁ) ପାସୋରି ଦେଲେ ଯେ, ସେମାନେ ନିଜ ସ୍ଥାନରୁ ହଟିବେ ନାହିଁ । କିନ୍ତୁ ସେମାନେ ଯେତେବେଳେ ନିଜ ସ୍ଥାନରୁ ହଟିଗଲେ ଏବଂ ସାଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରାପ୍ତ କରିବାର ଅଭିଳାଷୀ ହେଲେ ସେତେବେଳେ ସେପରିପ୍ରେକ୍ଷୀରେ ସେହି ଦେବଦୂତମାନେ ସାହାଯ୍ୟ ପ୍ରତ୍ୟାହାର କରିନେଲେ ଓ ଅଲ୍ଲାଃତାଲା ଏହି ଆୟତ୍ ଅବତୀର୍ଣ୍ଣ କଲେ ଯେ, وَلَقَدْ صَدَقَكُمُ اللّٰهُ وَعْدَهٗۤ اِذْ تَحُسُّوْنَهُمْ بِاِذْنِهٖ **(ଆଲେ ଇମ୍ରାନ୍ 153)** ଅର୍ଥାତ୍ ଯେତେବେଳେ ତୁମେମାନେ ତାହାଙ୍କ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଆଦେଶକ୍ରମେ ସେମାନଙ୍କୁ ଆକ୍ରମଣ କରି ବିନାଶ କରୁଥିଲ ସେତେବେଳେ ଅଲ୍ଲାଃତାଲା ତୁମମାନଙ୍କ ସମ୍ବନ୍ଧରେ ନିଶ୍ଚୟ ନିଜର ପ୍ରତିଶ୍ରୁତି ରକ୍ଷା କରିଥିଲେ । ଏପରିକି ଯେତେବେଳେ ତୁମେମାନେ ଅବହେଳା ପ୍ରଦର୍ଶନ କରିଥିଲ ଓ ହ. ମୁହମ୍ମଦ ସ.ଅଙ୍କ ଆଦେଶ ସଂକ୍ରାନ୍ତରେ ପରସ୍ପର ମଧ୍ୟରେ ବିବାଦ କରିଥିଲ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-205-206 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ନିଜର ଏକ ଖୁତ୍‌ବାରେ ଉକ୍ତ ଘଟଣା ବର୍ଣ୍ଣନା କରିଛନ୍ତି ଯେ, ସାହାବାମାନେ ବର୍ଣ୍ଣନା କରନ୍ତି ଯେ, ବଦର୍ ଯୁଦ୍ଧରେ ଯେଉଁ ଦେବଦୂତମାନେ ନଜର ଆସିଥିଲେ ସେମାନଙ୍କ ମସ୍ତକରେ କଳା ରଙ୍ଗର ଟୋପି ରହିଥିଲା । ସେମାନଙ୍କର ଏକ ୟୁନିଫର୍ମ ରହିଥିଲା । ଅର୍ଥାତ୍ ସେମାନେ ୟୁନିଫର୍ମ ପରିଧାନ କିରଥିଲେ । ସାହାବାମାନେ ଯେତେବେଳେ ସେହି ଦେବଦୂତମାନଙ୍କୁ ବିଭିନ୍ନ ଅବସ୍ଥାରେ ଦେଖିଲେ ସେତେବେଳେ ସେମାନେ ସେହି ପ୍ରକାରର ଅର୍ଥାତ୍ କଳା ରଙ୍ଗର ପଗଡ଼ି ପିନ୍ଧିଥିଲେ । ଯେତେବେଳେ ବର୍ଣ୍ଣନାଗୁଡ଼ିକୁ ଏକତ୍ରିତ କରାଗଲା ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । କିନ୍ତୁ ଯେପରିକି ଆଁହଜରତ ସ.ଅ مُسَوِّمِيْنَର ବ୍ୟାଖ୍ୟା କରିଥିଲେ ଠିକ୍ ସେହିପରି ଏହା ନିୟତିକୃତ ଥିଲା ଓ ଏହିପରି ହିଁ ଘଟିଥିଲା । ସେହିପରି ଓହୋଦ୍ ଯୁଦ୍ଧରେ ଦେବଦୂତମାନେ ଦୃଶ୍ୟମାନ ହେଲେ ଏବଂ ସେମାନଙ୍କ ମସ୍ତକରେ ମଧ୍ୟ ଚିହ୍ନ ସ୍ୱରୂପ ଲୋହିତ ରଙ୍ଗର ପଗଡ଼ି ରହିଥିଲା । ଅର୍ଥାତ୍ ଦେବଦୂତମାନେ ଲୋହିତ ରଙ୍ଗର ପଗଡ଼ି ପିନ୍ଧିଥିଲେ ।
**(ଅଦଦାରୁଲ୍ ମନସୁର୍ بَلٰۤی اِنْ تَصْبِرُوْا وَتَتَّقُوْا.....ଆଲେ ଇମ୍ରାନ୍:126 )**

ଲୋହିତ ଅର୍ଥାତ୍ ନାଲି ରଙ୍ଗରେ କିଛି ଦୁଃଖାର୍ତ୍ତ ସନ୍ଦେଶ ମଧ୍ୟ ରହିଥିଲା । କାରଣ ସାହାବାମାନଙ୍କୁ ଯେତିକି ଦୁଃଖ କଷ୍ଟ ଓହୋଦ୍ ଯୁଦ୍ଧରେ ଆଁହଜରତ ସ.ଅଙ୍କ ଆଘାତ ଯୋଗୁଁ ସହ୍ୟ କରିବାକୁ ପଡ଼ିଥିଲା ଆଁହଜରତ ସ.ଅଙ୍କ ସମଗ୍ର ଜୀବନରେ ସାହାବାମାନଙ୍କୁ ଏପରି ଦୁଃଖ କଷ୍ଟ କେବେ ସହ୍ୟ କରିବାକୁ ପଡ଼ି ନଥିଲା । ଗୋଟିଏ ଦୁଃଖ ପରେ ଅନ୍ୟ ଦୁଃଖର ଖବର ସେମାନଙ୍କୁ ପ୍ରାପ୍ତ ହେଲା ଏବଂ ସେମାନେ ଦୁଃଖ ଯୋଗୁଁ ଶକ୍ତିହୀନ ଏବଂ ନିସ୍ତେଜ ହୋଇ ଯାଇଥିଲେ । ଅତଏବ୍ ଉକ୍ତ ଯୁଦ୍ଧରେ ଦେବଦୂତମାନଙ୍କର ନିଦର୍ଶନ ନିମନ୍ତେ ମଧ୍ୟ ଏପରି ରଙ୍ଗକୁ ଚୟନ କରାଗଲା ଯହିଁରେ ଦୁଃଖ ଓ ରକ୍ତର ପକ୍ଷ ଅନ୍ତର୍ଭୁକ୍ତ ଥିଲା । ଅର୍ଥାତ୍ ନାଲି ରଙ୍ଗ **(ଖୁତ୍‌ବାତେ ତାହିର, ଭାଗ-2, ପୃ-76, ଖୁତ୍‌ବା ଜୁମା ପ୍ରଦତ୍ତ 11 ଫେବୃଆରୀ 1983 ମସିହା)**

ସାହାବାମାନଙ୍କର ଅବିଚଳତା ଏବଂ ପ୍ରାଣୋତ୍ସର୍ଗୀତାର ଅସଂଖ୍ୟ ଉଦାହରଣମାନ ରହିଛି । ଅର୍ଥାତ୍ ସାହାବାମାନେ କିଭଳି ଆଁହଜରତ୍ ସ.ଅଙ୍କୁ ସୁରକ୍ଷା ଦେବାକୁ ଯାଇ ନିଜ ପ୍ରାଣର ବଳିଦାନ ଦେଲେ । ହ. ଅନସ୍ ନଜର୍ ଅନ୍‌ସାରୀ ର.ଅଙ୍କ ସଂକ୍ରାନ୍ତରେ ଚର୍ଚ୍ଚା ମିଳେ ଯେ, ହ. ଅନସ୍ ର.ଅ ବର୍ଣ୍ଣନା କଲେ ଯେ, ମୋ ଚଚା ହ. ଅନସ୍ ବିନ୍ ନଜର୍ ର.ଅ ବଦର୍ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲେ । ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୁସ୍‌ରିକ୍‌ମାନଙ୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି) ସହିତ ଯେଉଁ ଯୁଦ୍ଧ କରିଥିଲେ ମୁଁ ସେହି ପ୍ରଥମ ଯୁଦ୍ଧରେ ଅନୁପସ୍ଥିତ ଥିଲି । ଯଦି ଅଲ୍ଲାଃତାଲା ମୁସ୍‌ରିକ୍‌ମାନଙ୍କ ସହିତ ଆମର ଯୁଦ୍ଧ କରାଇଲେ ଓ ମୁଁ ଯୁଦ୍ଧରେ ସାମିଲ୍ ହେଲି ତେବେ ଅଲ୍ଲାଃତାଲା ମଧ୍ୟ ଅବଶ୍ୟ ଦେଖିନେବେ ଯେ, ମୁଁ କ'ଣ କରିବି ? ସୁତରାଂ ଯେତେବେଳେ ଓହୋଦ୍ ଦିନ ହେଲା ଏବଂ ମୁସଲମାନମାନେ ଯୁଦ୍ଧ ଭୂମିରୁ ହଟିଗଲେ ସେତେବେଳେ ସେ କହିଲେ, ହେ ଅଲ୍ଲାଃ ! ଏମାନେ ଯାହା କରିଛନ୍ତି ମୁଁ ତୁମ୍ଭ ନିକଟରେ ସେମାନଙ୍କ ଲାଗି କ୍ଷମା ପ୍ରାର୍ଥନା କରୁଛି । ତହିଁରୁ ତାତ୍ପର୍ଯ୍ୟ ତାଙ୍କର ସାଥିମାନେ ଥିଲେ । ଅର୍ଥାତ୍ ଯେଉଁ ମୁସଲମାନମାନେ କ୍ଷିପ୍ତ ବିକ୍ଷିପ୍ତ ହୋଇଯାଇଥିଲେ ସେହିମାନେ ହିଁ ତହିଁରୁ ଯଥାର୍ଥ ଥିଲେ । ପୁନଶ୍ଚ ଆପଣ ର.ଅ କହିଲେ, ହେ ଅଲ୍ଲାଃ ! ସେମାନେ ଯାହା କଲେ ମୁଁ ତୁମ୍ଭ ସମ୍ମୁଖରେ ସେମାନଙ୍କ ନିର୍ଦ୍ଦୋଷତାର ପରିପ୍ରକାଶ କରୁଛି । ତହିଁରୁ ତାଙ୍କ କହିବାର ଯଥାର୍ଥ ଅବିଶ୍ୱାସକାରୀମାନେ ଥିଲେ । ଏତଦ୍‌ପରେ ସେମାନେ ଆଗକୁ ଅଗ୍ରସର ହେଲେ ଏବଂ ସାଆଦ୍ ବିନ୍ ମୁଆଜ୍ ର.ଅ ତାଙ୍କୁ ସମ୍ମୁଖ ପାର୍ଶ୍ୱରୁ ଭେଟ ହେଲେ । ସେ କହିଲେ, ହେ ସାଆଦ୍ ବିନ୍ ମୁଆଜ୍ ! ସ୍ୱର୍ଗ । ପୁନଶ୍ଚ କହିଲେ, ନଜରର ଈଶ୍ୱରଙ୍କ ରାଣ ଖାଇ କହୁଛି ! ମୁଁ ତ' ଓହୋଦ୍ ଆଡୁ ଏହାର ସୁଗନ୍ଧ ଆଘ୍ରାଣ କରି ପାରୁଛି ।

ହ. ସାଆଦ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେ ଯାହାକିଛି କରି ପାରିଲେ ମୁଁ ତାହା କରି ପାରିଲି ନାହିଁ । ଆଁହଜରତ ସ.ଅଙ୍କ ନିକଟରେ ଯେତେବେଳେ ଉକ୍ତ ଘଟଣା ବର୍ଣ୍ଣନା କରୁଥିଲେ ସେତେବେଳେ ସେ କୁହନ୍ତି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ସେ ଯେଉଁଭଳି ଭାବରେ ଲଢୁଥିଲେ ମୁଁ ସେଭଳି ଲଢି ପାରିଲି ନାହିଁ ।

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେ ତାଙ୍କ ଶରୀର ଉପରେ ୫୦ରୁ ଉର୍ଦ୍ଧ୍ୱ ଖଡ଼ଗ ଦ୍ୱାରା ଆଘାତ ଲାଗିଥିବାର ଚିହ୍ନ ଦେଖିଲୁ କିମ୍ବା ବର୍ଚ୍ଛା ଓ ତୀର ଦ୍ୱାରା ଆଘାତ ହଇଥିବା ଚିହ୍ନ ଦେଖିଲୁ । ଆମେ ଆପଣ ର.ଅଙ୍କୁ ଶହୀଦ୍ ହୋଇଯାଇଥିବା ଅବସ୍ଥାରେ ପାଇଲୁ । ଅବିଶ୍ୱାସକାରୀମାନେ ଆପଣ ର.ଅଙ୍କ ଶରୀର ଏବଂ ଅଙ୍ଗ ପ୍ରତ୍ୟଙ୍ଗକୁ ବିକୃତ କରି ଦେଇଥିଲେ । ତେଣୁ ତାଙ୍କୁ ତାଙ୍କର ଭଉଣୀ ବ୍ୟତୀତ ଅନ୍ୟ କେହି ବି ଚିହ୍ନି ପାରିଲା ନାହିଁ । ତାଙ୍କ ଆଙ୍ଗୁଠିର ଗଣ୍ଠି ଦ୍ୱାରା ତାଙ୍କୁ ଚିହ୍ନିଥିଲେ ।

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି, ଆମେମାନେ ଏହା ଭାବୁଥିଲୁ ଯେ, ଉକ୍ତ ଆୟତ୍ ତାହାଙ୍କ ସଂପର୍କରେ ଉଦ୍ଦିଷ୍ଟ ଅଟେ କିମ୍ବା ତାଙ୍କ ପରି ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଉକ୍ତ ଆୟତ୍‌ଟି ଅବତୀର୍ଣ୍ଣ ହେଲା ଯେ, مِنَ الْمُؤْمِنِيْنَ رِجَالٌ صَدَقُوْا مَا عَاهَدُوا اللّٰهَ عَلَيْهِ **(ଅଲ୍ ଅହଜାବ୍: 24)** ଅର୍ଥାତ୍ ଏହି ବିଶ୍ୱାସକାରୀମାନଙ୍କ ମଧ୍ୟରେ କେତେକ ଲୋକ ଏପରି ଅଛନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ସହିତ କରିଥିବା ଅଙ୍ଗୀକାରକୁ ସତ୍ୟ ବୋଲି ସାବ୍ୟସ୍ତ କରି ଦେଖାଇଥିଲେ । **(ସହିହୁଲ୍ ବୁଖାରୀ କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍-କୌଲଲ୍ଲାହି ତାଆଲା ମିନଲ୍ ମୁମିନିନା ରିଜାଲୁନ୍ ସଦକୁ...ହଦିସ୍ ନଂ-**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday-28 NOVEMBER 2024 Issue No. 48

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**2805)**

ଇବ୍‌ନେ ଇସ୍‌ହାକ୍ କୁହନ୍ତି; "ଅନସ୍ ବିନ୍ ମାଲିକ୍ ର.ଅଙ୍କ ଚଚା ଅନସ୍ ବିନ୍ ନଜର୍ ର.ଅ, ତଲହା ବିନ୍ ଉବୈଦୁଲ୍ଲାଃ ଓ ଉମର୍ ବିନ୍ ଖତ୍ତାବ୍ ଆଦି ପ୍ରବାସକାରୀ ଏବଂ କେତେକ ଅନ୍‌ସାରମାନେ ସାହାବାମାଙ୍କ ନିକଟ ଦେଇ ଅତିକ୍ରମ କଲେ । ଏହି ଲୋକମାନେ ବସିଥିଲେ । ହ. ଅନସର୍ ବିନ୍ ନଜର୍ ର.ଅ ସେମାନଙ୍କୁ କହିଲେ, ତୁମେମାନେ କାହିଁକି ବସିଛ ? ସେମାନେ ଉତ୍ତର ଦେଲେ ଯେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅ ତ' ନାଉଜୁବିଲ୍ଲାଃ ଶହୀଦ୍ ହୋଇଗଲେ । ଅନ୍‌ସାର୍‌ମାନେ କହିଲେ, ତେବେ ତୁମେମାନେ ଜୀବିତ ରହି ଆଉ କ'ଣ କରିବ ? ଆପଣ ସ.ଅଙ୍କର ଯେପରି ବିୟୋଗ ହେଲା ସେହିପରି ତୁମେମାନେ ମଧ୍ୟ ମୃତ୍ୟୁବରଣ କର । ପୁନଶ୍ଚ ଅନସ୍ ବିନ ନଜର୍ ର.ଅ ଅବିଶ୍ୱାସକାରୀଙ୍କ ଆଡ଼କୁ ମୁହଁ କଲେ ଏବଂ ଆପଣ ଏଭଳି ଯୁଦ୍ଧ କଲେ ଯେ, ଶେଷରେ ଆପଣ ର.ଅ ବୀରଗତି ପ୍ରାପ୍ତ କଲେ । ତାଙ୍କ (ଅନସ୍ ବିନ୍ ନଜର୍ ର.ଅଙ୍କ) ନାମାନୁଯାୟୀ ଅନସ୍ ବିନ୍ ମାଲିକ୍ ର.ଅଙ୍କ ନାମ ନାମିତ ହୋଇଥିଲା ।"

ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେଦିନ ଆମେମାନେ ଅନସ୍ ବିନ୍ ନଜର୍ ର.ଅଙ୍କୁ ଏହି ଅବସ୍ଥାରେ ଦେଖାବାକୁ ପାଇଲୁ ଯେ, ତାଙ୍କ ଶରୀରରେ 70ଟି ଆଘାତ ଚିହ୍ନ ଥିଲା । ତାଙ୍କର ପାର୍ଥିବ ଶରୀରକୁ ତାଙ୍କ ଭଉଣୀ ବ୍ୟତୀତ ଅନ୍ୟ କେହି ବି ଚିହ୍ନି ପାରିଲା ନାହିଁ । ତାଙ୍କର ଭଉଣୀ ତାଙ୍କୁ ଅଙ୍ଗୁଠିର ଗଣ୍ଠି ହାଡ଼ ସାହାଯ୍ୟରେ ଚିହ୍ନିଲେ । **(ସିରତୁନ୍ ନବୀ ଲିଇବ୍‌ନି ହିଶ୍ଶାମ୍, ପୃ-535, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 2001 ମସିହା)**

ଏଥି ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏହିପରି ଉଲ୍ଲେଖ କରନ୍ତି ଯେ, "ସେତେବେଳେ ଅତ୍ୟନ୍ତ ଘମାଘୋଡ଼ ଯୁଦ୍ଧ ଚାଲିଥିଲା । ମୁସଲମାନମାନଙ୍କ ନିମନ୍ତେ ସେହି ସମୟଟି ଅତ୍ୟନ୍ତ ସନ୍ଧିକ୍ଷଣ ଓ ଅଗ୍ନି ପରୀକ୍ଷାର ସମୟ ଥିଲା । ଆଁହଜରତ ସ.ଅଙ୍କ ଶାହାଦତର ଖବର ଶୁଣି ଅନେକ ସାହାବାମାନେ ଧୈର୍ଯ୍ୟହରା ଏବଂ ନିରାଶ ହୋଇ ଅସ୍ତ୍ରଶସ୍ତ୍ର ଫିଙ୍ଗି ଗୋଟିଏ ପାର୍ଶ୍ୱରେ ଯାଇ ବସି ଯାଇଥିଲେ କି ଏହା ସାଙ୍ଗକୁ ଅନସ୍ ବିନ୍ ନଜର୍ ନାମକ ଜନୈକ ଅନ୍‌ସାରୀ ସାହାବି ଚାଲି ଆସିଲେ । ସେ ସାହାବାମାନଙ୍କୁ ଦେଖି କହିଲେ, ଆରେ ହେ ସାହାବା ଗୋଷ୍ଠୀ! ତୁମେମାନେ ଏଠାରେ କ'ଣ କରୁଛ ? ସେମାନେ ଉତ୍ତର ଦେଲେ, "ରସୁଲୁଲ୍ଲାଃ ସ.ଅ ବୀରଗତି ପ୍ରାପ୍ତ କରିଛନ୍ତି ? "ଅନସ୍ ର.ଅ କହିଲେ,ଏହି ସମୟ ହିଁ ଲଢିବାର ସମୟ ଅଟେ । ଅର୍ଥାତ୍ ଆଁହଜରତ ସ.ଅ ଯୁଦ୍ଧ ଲଢି ଯେଉଁ ମୃତ୍ୟୁକୁ ଆଲିଙ୍ଗନ କରିଛନ୍ତି ସେହି ମୃତ୍ୟୁ ଆମମାନଙ୍କୁ ମଧ୍ୟ ପ୍ରାପ୍ତ ହେଉ । ଆପଣ ସ.ଅଙ୍କ ବିୟୋଗ ପରେ ଜୀବନର କୌଣସି ମୂଲ୍ୟ ଏବଂ ଆନନ୍ଦ ଆଉ ରହିଲା ନାହିଁ ।

ପୁନଶ୍ଚ ତାଙ୍କ ଅର୍ଥାତ୍ ଅନସ୍ ବିନ ନଜର୍ ର.ଅଙ୍କ ସମ୍ମୁଖରେ ଯେତେବେଳେ ସାଆଦ୍ ବିନ୍ ମୁଆଜ୍ ର.ଅ ଆସିଲେ, ସେତେବେଳେ ଅନସ୍ ର.ଅ କହିଲେ, "ହେ ସାଆଦ୍ ! ମୋତେ ଉକ୍ତ ପର୍ବତରୁ ସ୍ୱର୍ଗର ସୁଗନ୍ଧ ଆସୁଛି । ଏହି କଥା କହି ହ. ଅନସ୍ ର.ଅ ଶତ୍ରୁ ଧାଡ଼ିରେ ପଶିଗଲେ ଏବଂ ଲଢୁ ଲଢୁ ବୀରଗତି ପ୍ରାପ୍ତ କଲେ । ଯୁଦ୍ଧ ପରେ ଏହା ଦେଖିବାକୁ ମିଳିଲା ଯେ, ହ ଅନସ୍ ର.ଅଙ୍କ ଶରୀରରେ 80ରୁ ଉର୍ଦ୍ଧ୍ୱ ଆଘାତ ତଥା କ୍ଷତ ଚିହ୍ନ ରହିଥିଲା । ତାଙ୍କର ମର ଶରରୀର ଅର୍ଥାତ୍ ଶବକୁ କେହି ବି ଚିହ୍ନି ପାରୁ ନଥିଲା । ପରିଶେଷରେ ଅନସ୍ ର.ଅଙ୍କ ଭଉଣୀ ତାଙ୍କ ଆଙ୍ଗୁଠିର ଗଣ୍ଠିକୁ ଦେଖି ତାଙ୍କୁ ଚିହ୍ନିଥିଲେ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-494-495)**

ହ. ଖଲିଫତୁଲ୍ ମସିହ୍ ସାନି ର.ଅ ମଧ୍ୟ ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ଯେ, ହ. ଅନସ୍ ବିନ୍ ମାଲିକ୍‌ଙ୍କ ଚଚା ଅନସ୍ ବିନ୍ ନଜର୍ ର.ଅ କୁହନ୍ତି, ଯେତେବେଳେ ଓହୋଦ୍ ଯୁଦ୍ଧ ହେଲା ସେତେବେଳେ ସେ ମଧ୍ୟ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇଥିଲେ ଏବଂ ସେ ଅପୂର୍ବ ବୀରତ୍ୱ ଓ ଶୌର୍ଯ୍ୟ ତଥା ସାହସିକତା ପ୍ରଦର୍ଶନ କଲେ । ସେ ଖୁବ୍ ଲଢିଲେ ଏବଂ ଅବିଶ୍ୱାସକାରୀଙ୍କ ଆକ୍ରମଣରୁ ଭଲ ଭାବରେ ପ୍ରତିହତ କରି ଆଁହଜରତ ସ.ଅଙ୍କୁ ରକ୍ଷା କଲେ । ପରିଶେଷରେ ବିଜୟ ହେଲା ଏବଂ ବିଜୟ ପରେ ମୁସଲମାନମାନେ ଶତ୍ରୁମାନଙ୍କୁ ବନ୍ଦୀ କରିବା ଓ ସେମାନଙ୍କର ଧନ ତଥା ସାଧନ ଏକତ୍ରିତ କରିବାରେ ବ୍ୟସ୍ତ ହୋଇଗଲେ । ଅବୋଧ ଶତ୍ରୁମାନେ ସାହାବାମାନଙ୍କର ଏହି ଧନ ଏବଂ ସାଧନ ଯୁଦ୍ଧ ଭୂମିରୁ ଏକତ୍ରିତ କରିବାକୁ ଲୁଣ୍ଠନ ଏବଂ ଲୁଟ୍‌ତରାଜ୍ ବୋଲି ଆଖ୍ୟା ପ୍ରଦାନ କରନ୍ତି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଯେତେବେଳେ ଯୁଦ୍ଧ ସମାପ୍ତ ହୋଇଗଲା । ମୁସଲମାନମାନେ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନ ରତ୍ନ) ଏକତ୍ରିତ କରୁଥିଲେ ସେତେବେଳେ ଶତ୍ରୁମାନେ ଏହାକୁ ଲୁଟ୍‌ତରାଜ ଏବଂ ଲୁଣ୍ଠନ ବୋଲି ନମାକରଣ କରନ୍ତି । କିନ୍ତୁ ଏହା ଲୁଟ୍‌ତରାଜ୍ ନୁହେଁ । ବରଂ ଏହା ଶତ୍ରୁମାନଙ୍କୁ ଦୁର୍ବଳ କରିବାର ଏକ ମାଧ୍ୟମ ହୋଇଥାଏ । ସେ ଯାହା ହେଉ ସେ ଅର୍ଥାତ୍ ଅନସ୍ ବିନ୍ ନଜର୍ ର.ଅ ଏହା ଭାବିଲେ ଯେ, ବର୍ତ୍ତମାନ ମୋର କର୍ତ୍ତବ୍ୟ ସଂପୂର୍ଣ୍ଣ ହୋଇଯାଇଛି । ତାଙ୍କୁ ଅର୍ଥାତ୍ ହ. ଅନସ୍ ବିନ୍ ନଜର୍ ର.ଅଙ୍କୁ ଭୋକ ଲାଗିଥିଲା ଏବଂ ତାଙ୍କ ନିକଟରେ କିଛି ଖଜୁରୀ କୋଳି ଥିଲା । ସେ ଯୁଦ୍ଧ ଭୂମିରୁ ଟିକିଏ ପଛକୁ ଯାଇ ବିଜୟରେ ଉଲ୍ଲସିତ ହୋଇ ଝୁମିବାକୁ ଲାଗିଲେ ଏବଂ ଏଣେତେଣେ ବୁଲି ଖଜୁରୀ କୋଳି ଖାଇବାକୁ ଲାଗିଲେ। ଖଜୁରୀ କୋଳି ସେବନ କରି ସେ ଗୋଟିଏ ପାର୍ଶ୍ୱକୁ ଯେତେବେଳେ ଆସିଲେ ଏବଂ ସେ ଯେତେବେଳେ ଏହା ଦେଖିଲେ କି ଏକ ପଥର ରହିଛି ସେହି ପଥର ଉପରେ ବସି ହ. ଉମର୍ ର.ଅ ବିଳାପ ବା କାନ୍ଦୁଛନ୍ତି । ହ. ଅନସ୍ ବିନ୍ ନଜର୍ ହ. ଉମର୍ ର.ଅଙ୍କୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ଏବଂ ହ. ଉମର୍ ର.ଅଙ୍କୁ କହିଲେ, ହେ ଉମର୍ ! ଆଜିର ଦିନ ତ' ହସିବାର ଦିନ ଅଟେ, ଆନନ୍ଦ ଉଲ୍ଲାସ ପାଳନ କରିବାର ଦିନ ଅଟେ, ଅଭିନନ୍ଦନ ଜଣାଇବାର ଦିନ ଅଟେ । ଏଭଳି ଅବସସରେ ଆପଣ କାନ୍ଦୁଛନ୍ତି ? ଅର୍ଥାତ୍ ଅନସ୍ ବିନ୍ ନଜର ର.ଅ ହ. ଉମର୍ ର.ଅଙ୍କୁ ସମ୍ବୋଧିତ କରି କହିଲେ, ଆରେ ଭାଇ ! ଆଜିର ଦିନ ତ' ଆନନ୍ଦ ଓ ଉଲ୍ଲାସର ଦିନ ଅଟେ । କାରଣ ଅଲ୍ଲାଃତାଲା ମୁସଲମାନମାନଙ୍କୁ ବିଜୟ ପ୍ରଦାନ କରିଛନ୍ତି । ଆଉ ଆପଣ (ଅର୍ଥାତ୍ ହ. ଉମର୍ ର.ଅ) କାନ୍ଦୁଛନ୍ତି ? ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ କହିଲେ, ହେ ଅନସ୍ ବିନ୍ ନଜର୍ ! ବିଜୟ ପରେ କ'ଣ ଘଟିଲା ତୁମେ ବୋଧେ ଏ ସଂପର୍କରେ ଜାଣି ନାହଁ। ଅର୍ଥାତ୍ ତୁମକୁ ଜ୍ଞାତ ନାହିଁ ଯେ, ଯୁଦ୍ଧ ପରେ କ'ଣ ହେଲା ? ଅନସ୍ ର.ଅ କହିଲେ, କ'ଣ ହୋଇଥିଲା ବା କ'ଣ ଘଟିଥିଲା ? ଶତ୍ରୁ ପକ୍ଷର ସୈନ୍ୟବାହିନୀ ପଛ ପଟୁ ଆସିଲା ଏବଂ ସେ ପୁନର୍ବରା ଆମ ଉପରେ ଆକ୍ରମଣ କରିଦେଲା । ଯଦ୍ଦ୍ୱାରାକି ଇସ୍‌ଲାମୀୟ ସୈନ୍ୟବାହିନୀ କ୍ଷିପ୍ତ ବିକ୍ଷିପ୍ତ ହୋଇଗଲା ଏବଂ ରସୁଲ୍ କରୀମ୍ ସ.ଅ ଶହୀଦ୍ (ବୀରଗତି ପ୍ରାପ୍ତ କଲେ) ହୋଇଗଲେ । ସେହି ଅନ୍‌ସାରୀ ଜଣକ କହିଲା, ହେ ଉମର୍ ଏଥିରେ କାନ୍ଦୁଛନ୍ତି କାହିଁକି ? ହ. ଅନସ୍ ବିନ୍ ନଜର୍ ର.ଅଙ୍କ ହସ୍ତରେ ଏକ ଖଜୁରୀ କୋଳି ରହିଯାଇଥିଲା । ସେ ସେହି ସମୟରେ ଉକ୍ତ ଖଜୁରୀ କୋଳୀ ମଞ୍ଜିକୁ ଫିଙ୍ଗିଦେଲେ ଏବଂ ଖଜୁରୀ କୋଳିକୁ ସମ୍ବୋଧିତ କରି କହିଲେ, "ହେ ଖଜୁରୀ ! ତୋ ମଧ୍ୟରେ ଏବଂ ମୋ ଈଶ୍ୱରଙ୍କ ମଧ୍ୟରେ ।" ସେ ଯାହା ହେଉ ନା କାହିଁକି ସେହି ସମୟରେ ହ. ଉମର ର.ଅଙ୍କୁ ଅବା ଖଜୁରୀକୁ ହ. ଅନସ୍ ବିନ୍ ନଜର୍ ଉକ୍ତ କଥା କହିଥିବେ ଯେ, ତୋ ମଧ୍ୟରେ ଏବଂ ମୋ ଈଶ୍ୱରଙ୍କ ମଧ୍ୟରେ ଗୋଟିଏ ଖଜୁରୀ କୋଳି ବ୍ୟତୀତ ଆଉ କ'ଣଟା ରହିଛି ? ପୁନଶ୍ଚ ସେ ହ. ଉମର୍ ର.ଅଙ୍କ ଆଡ଼କୁ ଦେଖିଲେ ଏବଂ କହିଲେ, ହେ ଉମର୍ ! ଯଦି ରସୁଲୁଲ୍ଲାଃ ସ.ଅ ଶହୀଦ୍ ହୋଇଯାଇଛନ୍ତି ତେବେ ଏହି ସଂସାରରେ ଆମମାନଙ୍କର ଆଉ କ'ଣ କାମ ରହିଗଲା । ଅର୍ଥାତ୍ ବଞ୍ଚିବାର ଆଉ କୌଣସି ମୂଲ୍ୟ ରହିଲା ନାହିଁ । ଆପଣ ସ.ଅ ଯେଉଁଠି ଯାଇଛନ୍ତି ଆମେ ବି ସେଠାକୁ ଯିବୁ । ଏହା କହି ହ. ଅନସ୍ ବିନ୍ ନଜର୍ ନିଜର ଖଡ୍‌ଗ ନେଲେ ଏବଂ ଏକୁଟିଆ ଶତ୍ରୁ ସୈନ୍ୟବାହିନୀ ଉପରେ (ଶତ୍ରୁ ସୈନ୍ୟବାହିନୀ ସହସ୍ର ସଂଖ୍ୟକ ଥିଲା) ଆକ୍ରମଣ କରିଦେଲେ । ଜଣେ ବ୍ୟକ୍ତି ଏତେ ବିଶାଳ ସୈନ୍ୟବାହିନୀଙ୍କ କିପରି ମୁକାବିଲା କରି ପାରିଥାଆନ୍ତା ? ଚତୁର୍ପାର୍ଶ୍ୱରୁ ତାଙ୍କ ଉପରେ ଆକ୍ରମଣ ହୋଇଗଲା ଏବଂ ସେ ସେହିଠାରେ ହିଁ ଶହୀଦ୍ ହୋଇଗଲେ । ଯୁଦ୍ଧ ପରେ ଆଁହଜରତ ସ.ଅ ଯେତେବେଳେ ହ. ଅନସ୍ ବିନ୍ ନଜର୍‌ଙ୍କ ପାର୍ଥିବ ଶରୀରକୁ ଖୋଜିବା ନିମନ୍ତେ ସାହାବାମାନଙ୍କୁ ନର୍ଦ୍ଦେଶ ଦେଲେ ସେତେବେଳେ ତାଙ୍କର ପାର୍ଥିବ ଶରୀର ପ୍ରାପ୍ତ ହେଲା । ତାଙ୍କ ପାର୍ଥିବ ଶରୀର 70ଟି ଖଣ୍ଡରେ ଖଣ୍ଡ ବିଖଣ୍ଡିତ ହୋଇଥିବା ପାଇଲେ । କେବଳ ସେତିକି ନୁହେଁ ବରଂ ଅନ୍ୟ ବର୍ଣ୍ଣନାମାନଙ୍କରେ ମଧ୍ୟ ଏହା ବର୍ଣ୍ଣିତ ହୋଇଛି ଯେ, ହ. ଅନସ୍ ବିନ୍ ନଜର୍ ର.ଅଙ୍କ ଶବକୁ ଚିହ୍ନି ହେଉ ନଥିଲା । ପରିଶେଷରେ ତାଙ୍କର ଭଉଣୀ ତାଙ୍କୁ ଆଙ୍ଗୁଠିର ଗଣ୍ଠି ଦ୍ୱାରା ଚିହ୍ନିଲେ ଅବା ହ. ଅନସ୍ ବିନ୍ ନଜର୍ ର.ଅଙ୍କ ସଂପର୍କୀୟମାନେ ତାଙ୍କର ଶବକୁ ଚିହ୍ନିଥିଲେ ।"**(ଖୁତ୍‌ବାତେ ମେହମୁଦ୍, ଭାଗ-23, ପୃ-442-443, ଖୁତ୍‌ବା ଜୁମା ପ୍ରଦତ୍ତ 09 ଅକ୍ଟୋବର 1942 ମସିହା)**

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଉକ୍ତ ଘଟଣାକୁ ଆପଣ ସ.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଓହୋଦ୍ ଯୁଦ୍ଧରେ ଯେତେବେଳେ ଆଁହଜରତ ସ.ଅଙ୍କ ଶାହାଦତ୍‌ର ସୂଚନା ମିଳିଲା ସେତେବେଳେ ସେ ଅର୍ଥାତ୍ ହ. ଅନସ୍ ର.ଅ ନିଜର ଚଚା ହ. ଉମର୍ ର.ଅଙ୍କୁ ଏକ ସ୍ତୂପ ଉପରେ ବସିଥିବାର ଏବଂ କ୍ରନ୍ଦନ (କାନ୍ଦୁଥିବାର) କରୁଥିବାର ଦେଖିଲେ । ହ. ଅନସ୍ ର.ଅ ହ. ଉମର୍ ର.ଅଙ୍କୁ ଯେତେବେଳେ ଏକଥା ପଚାରିଲେ ଯେ, ହେ ଉମର୍ ! କ'ଣ ହୋଇଛି ଆପଣ କାହିଁକି କାନ୍ଦୁଛନ୍ତି ? ଆମେ ପରା ଅର୍ଥାତ୍ ମୁସଲମାନମାନେ ପରା ବିଜୟୀ ହୋଇଛନ୍ତି ? ହ. ଉମର୍ ର.ଅ ଉତ୍ତର ଦେଲେ ଯେ, ହେ ଅନସ୍ ! ତୁମେ ଜାଣି ନାହିଁ କି ରସୁଲୁଲ୍ଲାଃ ସ.ଅ ଶହୀଦ୍ ହୋଇଯାଇଛନ୍ତି ?

ହ. ଅନସ୍ ର.ଅଙ୍କ ଚଚା ଯେତେବେଳେ ଉକ୍ତ କଥା ଶୁଣିଲେ ସେତେବେଳେ ସେ ଖଜୁରୀ କୋଳି ଖାଉଥିଲେ ଏବଂ କେବଳ ଗୋଟିଏ ଖଜୁରୀ କୋଳି ତାଙ୍କ ହାତରେ ଥିଲା ।

**(ଅବଶିଷ୍ଟାଂଶ.....ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan